# ବିଜେଡିରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

**ରେଙ୍ଗାଲି,୨୭।୪(ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବିଜେଡି କାର୍ଯ୍ୟାଳୟରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ଆଜି ଅନୁଷ୍ଠିତ ମିଶ୍ରଣପର୍ବରେ ପ୍ରାୟ ୨୬୫ଜଣ ବିଜେପି ଓ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିଲେ। ଗତ ସାଧାରଣ ନିର୍ବାଚନରେ ରେଙ୍ଗାଲି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବାଳକୃଷ ରୋହିଦାସ, ଘିଚାମୁରା ପୂର୍ବତନ ସରପଞ୍ଚ ବୀରେନ୍ଦ୍ର କିଷାନ ନିଜର ସମର୍ଥକଙ୍କୁ ନେଇ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ତବଡ଼ାବାହାଲ ପଞ୍ଚାୟତର ସମିତି ସଭ୍ୟା ପୂର୍ଣ୍ଣମୀ ଓରାମ ଓ ପୂର୍ବତନ ସମିତି ସଭ୍ୟ ସୂର୍ଯ୍ୟ ଓରାମଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ରେଙ୍ଗାଲି ବ୍ଲକର ଘୁଚାମୁରା, ବୋମାଲୋଇ, କତରବଗା ପଞ୍ଚାୟତ ଓ ଧନକଉଡ଼ା ବ୍ଲକର ଶାସନ ଓ ତବଲା ଗ୍ରାମ ପଞ୍ଚାୟତରୁ ଶତାଧିକ କଂଗ୍ରେସ ଓ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ବିଜେଡି ନେତା ବିଶାଳ ଦାସ, ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଧନକଉଡ଼ା ଜୋନ ୧ ଜିଲ୍ଲା ପରିଷଦ ସଭ୍ୟ ସୁନିଲ ମିଶ୍ର, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଗାନ୍ଧୀ ବେହେରା, ଦେବେନ ପତି, ସୀମନ୍ତ ହୋତା, ଚୋଳଶ୍ରୀ ମହାନନ୍ଦ, ସନ୍ତୋଷ ବର୍ମା, ନାରାୟଣ ଶର୍ମା ଓ ବହୁ ବିଜେଡି ନେତାଙ୍କ ଉପସ୍ଥିତିରେ ଏହି ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା।





ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ବିଜେପିର ପୂର୍ବତନ କାଉନସିଲର ପ୍ରାର୍ଥୀ ରଞ୍ଜିତ ସିଂହ ବିଜେପି ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଶନିବାର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଯୋଗଦାନ ଉତ୍ସବରେ ବିଜେଡି ବରିଷ୍ଠ ନେତା ଅରୁଣ ପ୍ରଧାନ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ଖିରୋଦ ଖିଲାରୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବରେ ଶ୍ରୀ ସିଂହ ବିଜେଡିରେ ସାମିଲ ହୋଇଥିଲେ। ଶ୍ରୀ ସିଂହ ଓଡ଼ିଶାର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରେଢ଼ାଖୋଲ ବିଧାୟକ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କଲି ବୋଲି କହିଛନ୍ତି।

# ବଦଳିବେ କଂଗ୍ରେସର ସମ୍ବଲପୁର ଲୋକସଭା ପ୍ରାର୍ଥୀ!

**ସମ୍ବଲପୁର, ୨୭।୪(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶକୁ ଗୁରୁତ୍ୱ ଦିଅନ୍ତି। ସମ୍ବଲପୁର ପ୍ରତି ତାଙ୍କର ରହିଛି ସ୍ୱତନ୍ତ୍ର ଦୃଷ୍ଟି। ସମ୍ବଲପୁର ଲୋକସଭା ଆସନ ଚଳିତ ନିର୍ବାଚନରେ ରାଜ୍ୟ ସହିତ ଜାତୀୟ ରାଜନୀତିରେ ଚର୍ଚ୍ଚିତ ହୋଇଛି। ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଭଳି ଦୁଇ ହେଭିୱେଟ ନେତା ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସ ମଧ୍ୟ ଯୁବ ନେତା ଦୁଲାଲ ପ୍ରଧାନଙ୍କୁ ପ୍ରାର୍ଥୀ କରିସାରିଛି। ହେଲେ କଂଗ୍ରେସ ପ୍ରାର୍ଥୀରେ ପରିବର୍ତ୍ତନ ହେବା ନେଇ ଆଲୋଚନା ହେଉଛି। ଦୁଲାଲଙ୍କ ସ୍ଥାନରେ ପୂର୍ବତନ ଏମ୍‌ପି ନଗେନ୍ଦ୍ର ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିବ ବୋଲି ଚର୍ଚ୍ଚା ହେଉଛି। ଯଦି କଂଗ୍ରେସ ନଗେନ୍ଦ୍ରଙ୍କୁ ଟିକେଟ ଦିଏ ତା'ହେଲେ ଲୋକସଭାରେ ମଧ୍ୟ ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି। ତିନି ନେତାଙ୍କ ଦକ୍ଷତା, ଅଭିଜ୍ଞତା ବେଶ ଅଧିକ ରହିଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଓ ପୂର୍ବତନ ଏମପି ନଗେନ୍ଦ୍ର ଚଷା ଜାତିର ଅଟନ୍ତି। ଉଭୟଙ୍କ ମଧ୍ୟରେ ଲଢ଼େଇ ହେବ। ଅନ୍ୟପଟେ ବିଜେଡିର ପ୍ରଣବ ପ୍ରକାଶ ପ୍ରାର୍ଥୀ ହେବା ପୂର୍ବରୁ ମଧ୍ୟ ସମ୍ବଲପୁର ସହିତ ଜଡ଼ିତ ଥିଲେ। ଏବେ ପ୍ରଚାର ଆରମ୍ଭ ହେବାପରେ ସବୁଠାରେ ଜନସାଧାରଣ ବିପୁଳ ସ୍ୱାଗତ କରୁଛନ୍ତି। ସଭା ଗୁଡିକରେ ଯୋଗଦେଇ ପ୍ରଣବଙ୍କ ବକ୍ତବ୍ୟ ଶୁଣି ଭରସା କରୁଛନ୍ତି। ସୂଚନାଥାଉକି, ନଗେନ୍ଦ୍ର ପ୍ରଧାନ କଂଗ୍ରେସରେ ଯୋଗଦେବା ପୂର୍ବରୁ ୨୦୧୪-୧୯ ପର୍ଯ୍ୟନ୍ତ ସମ୍ବଲପୁର ଲୋକସଭା ଆସନରେ ବିଜେଡି ପକ୍ଷରୁ ସାଂସଦ ରହିଥିଲେ। ଅନୁଗୁଳ ଜିଲ୍ଲାରେ ଏକାଧିକ ଥର ବିଧାୟକ ମଧ୍ୟ ରହିଛନ୍ତି। ଏହାସହ ତାଙ୍କର ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା କ୍ଷେତ୍ରରେ ଭଲ ସମ୍ପର୍କ ରହିଛି। ତେଣୁ କଂଗ୍ରେସର ଶୀର୍ଷ ନେତୃତ୍ୱ ଦୁଲାଲ ପ୍ରଧାନଙ୍କ ସ୍ଥାନରେ ନଗେନ୍ଦ୍ରଙ୍କୁ ସମ୍ବଲପୁର ଲୋକସଭା ଆସନର ପ୍ରାର୍ଥୀ ଭାବେ ବଦଳ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ କ୍ରୀଡ଼ା ରାଜନୀତିରୁ ଲୋକସଭା ପ୍ରାର୍ଥୀ ହୋଇଛନ୍ତି ଦୁଲାଲ ଚନ୍ଦ୍ର ପ୍ରଧାନ। ସୂଚନାଯୋଗ୍ୟ ଯେ ଗତ ୨୦୧୯ ନିର୍ବାଚନରେ ସମ୍ବଲପୁର ବିଧାନସଭା ଆସନ ପାଇଁ ପ୍ରଥମେ ଅଶ୍ୱିନୀ ଗୁରୁଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ନିର୍ବାଚନ ପୂର୍ବରୁ ପ୍ରାର୍ଥୀ ବଦଳାଯାଇ ଅଶ୍ୱିନୀ ଗୁରୁଙ୍କ ବଦଳରେ ଅଶ୍ୱିନୀ ପୂଜାହାରୀଙ୍କୁ ଟିକେଟ ଦିଆଯାଇଥିବାର ନଜିର ରହିଥିଲା।



## ମୋବାଇଲ ଚୋରି ଘଟଣା

# ୩ଗିରଫ, ୧୨ ମୋବାଇଲ ଜବତ

**ରେଢ଼ାଖୋଲ, ୨୭।୪(ସମିସ):** ସ୍ଥାନୀୟ ଭୀମଭୋଇ ମାର୍କେଟ ନିକଟରେ ଏକ ମୋବାଇଲ ଦୋକାନରୁ ଚୋରି ଘଟଣାର ଶନିବାର ରେଢ଼ାଖୋଲ ପୁଲିସ ପର୍ଦ୍ଦାଫାସ କରି ତିନିଜଣ ଯୁବକଙ୍କୁ ଗିରଫ କରିବା ସହ ୧୨ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତ ଗିରଫ ଯୁବକମାନେ ହେଲେ ରାଉରକେଲା ଷ୍ଟିଲପ୍ଲାଣ୍ଟ ଥାନା ଅଞ୍ଚଳର ଜଣେ ନାବାଳକ ସହିତ ବିକ୍ରମ ଡ଼ଙ୍ଗ(୩୭) ଓ ସୁନିଲ ମୁଣ୍ଡା(୧୯)। ସୂଚନାଯୋଗ୍ୟ ଯେ ଏହି ଘଟଣାଟି ଗତ ମାର୍ଚ୍ଚ ମାସ ୨୧ ତାରିଖରେ ଘଟିଥିଲା। ଦୁର୍ବୃତ୍ତମାନେ ରେଢ଼ାଖୋଲ ସହରର ଖୁସି ନାମକ ଏକ ମୋବାଇଲ ଦୋକାନର ପଛପଟ କାନ୍ଥକୁ ଖୋଳି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରିଥିଲେ। ମୋବାଇଲ ଦୋକାନ ମାଲିକ ସୌମେନ୍ଦ୍ର ପଣ୍ଡା ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରେଢ଼ାଖୋଲ ଥାନା ଅଧିକାରିଣୀ ସବିତାବାଳା ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ତଦନ୍ତ କରି ମୋବାଇଲ ଆଇଏମଇଆଇ ନମ୍ବରକୁ ଟ୍ରାକ କରି ଦୃର୍ବୃତ୍ତ ମାନଙ୍କୁ ରାଉରକେଲା ଅଞ୍ଚଳରୁ ଧରିଥିଲେ। ଏଥିରେ ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ନାବାଳକ ସହିତ ଦୁଇ ଜଣ ଯୁବକ ରହିଛନ୍ତି। ତା ସହିତ ୧୨ ଟି ମୋବାଇଲ ଓ କାନ୍ଥ ଖୋଳିବା ରେ ବ୍ୟବହାର କରିଥିବା କୋଦାଳକୁ ଜବତ କରିଛି ରେଢ଼ାଖୋଲ ପୁଲିସ। ରେଢ଼ାଖୋଲ ଅଞ୍ଚଳରେ ମୁଖ୍ୟ ଅଭିଯୁକ୍ତ ବିକ୍ରମ ଡଙ୍ଗ ଏଠାରେ ରହି ରଙ୍ଗ ମିସ୍ତ୍ରୀ ଭାବର କାମ କରୁଥିଲେ। ବିକ୍ରମ ଦୋକାନରୁ ମୋବାଇଲ ଚୋରି କରିବା ପାଇଁ ରାଉରକେଲାରୁ ଆଉ ଦୁଇଜଣଙ୍କୁ ସାମିଲ୍ କରିଥିଲା। ଏସ୍ଆଇ ଅସୀମା ଏକ୍କା, ଏସ୍ଆଇ ଚିତ୍ତରଞ୍ଜନ ମେହେର, ପୁଲିସ କର୍ମଚାରୀ ମୋହନ ଶବର, ବସନ୍ତ ଧରୁଆ ଓ ଦୀନେଶ ନାୟକ ପ୍ରମୁଖ ସାମିଲ ରହିଥିଲେ। ଏ ସଂକ୍ରାନ୍ତରେ ରେଢ଼ାଖୋଲ ପୁଲିସ କେସ ନଂ ୮୧/୨୪ ରେ ଏକ ମାମଲା ରୁଜୁ କରି ଉକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ସବିତାବାଳା ସେଠୀ ସୂଚନା ଦେଇଛନ୍ତି।



# ବାଇକ୍ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ନାକଟିଦେଉଳ,୨୭।୪(ସମିସ):** ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କୁସୁମପଡ଼ା ଛକରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ଖଦିବାହାଲ ଗ୍ରାମର ଦିବ୍ୟସିଂହ ରାଉଳ ଓ ଆହତ ଜଣକ ହେଲେ ଦୁର୍ବାଦଳ ମଲ୍ଲିକ। ସୂଚନାଯୋଗ୍ୟ ଯେ ଖଦିବାହାଲ ଗ୍ରାମର ଉକ୍ତ ଦୁଇ ଯୁବକ କିସିଣ୍ଡାରୁ ବାଇକ୍ ଯୋଗେ ଖଦିବାହାଲ ନିଜ ଘରକୁ ଆସୁଥିବାବେଳେ ବାଇକଟି ଦ୍ରୁତ ଗତିରେ ଥିବାରୁ ଭାରସାମ୍ୟ ହରାଇ ରାସ୍ତାର ପାର୍ଶ୍ୱରେ ଥିବା ଏକ ଘର କାନ୍ଥରେ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦିବ୍ୟସିଂହ ରାଉଳଙ୍କ ମୃତ୍ୟୁ ହୋଇଥିବାବେଳେ ଦୁର୍ବାଦଳ ମଲ୍ଲିକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ପଠାଇ ଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଛି। କିସିଣ୍ଡା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଶିଶୁ ବିଦ୍ୟା ମନ୍ଦିରରେ ଆଲୋଚନାଚକ୍ର



**ରେଙ୍ଗାଲି, ୨୭।୪(ସମିସ):** ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଆଜି ମହର୍ଷି ବେଦବ୍ୟାସ ଜାତୀୟ ଅନୁଷ୍ଠାନ ତରଫରୁ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଭାଗିରଥି ନନ୍ଦ, ଡଃ ଜ୍ଞାନ ରଞ୍ଜନ ପଣ୍ଡା, ପ୍ରଫେସର ହରେକୃଷ୍ଣ ଶତପଥୀ, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଡଃ ବୁଦ୍ଧେଶ୍ୱର ଷଡ଼ଙ୍ଗୀ, ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ଏହି ଆଲୋଚନାଚକ୍ରରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମ୍ପାଦକ ସରୋଜ ବିଶୋଇ ପରିଚାଳନା କରିଥିବାବେଳେ ସଭାପତି ରାଜୀବ କୁମାର ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗୋବିନ୍ଦ ଗୋଶାଳାର ସଭାପତି ରଜନୀକାନ୍ତ ଶର୍ମା, ରାମ ସେନାର ନୀତିଶ ଅଗ୍ରୱାଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁମା, ଇପ୍ସିତା ପ୍ରଧାନ ଧରିତ୍ରୀ ବଗାର, ଅଜିତ ଧଳ, ଦୁଷ୍ମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୀତା ଆବୃତ୍ତି ପ୍ରତିଯୋଗିତାରେ ଦୀପେଶ ବାରିକ ପ୍ରଥମ, ନୟନିକ୍ଷ ବିଶ୍ୱାଳ ଦ୍ୱିତୀୟ ଓ ଦେବଶ୍ରୀ ଲେଙ୍କା ତୃତୀୟ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିଲେ। ଏଥିରେ ମୋଟ ୨୫ ଜଣ ଭାଇଭଉଣୀ ଅଂଶ ଗ୍ରହଣ କରିଥିଲେ।

# ଅସହ୍ୟ ତାତିରେ ଜଳୁଛି ନାକଟିଦେଉଳ

**ନାକଟିଦେଉଳ, ୨୭।୪(ସମିସ):** ଗତ କିଛିଦିନ ଧରି ପ୍ରଚଣ୍ଡ ତାତିରେ ସାରା ଓଡ଼ିଶା ଜଳୁଥିବାବେଳେ ନାକଟିଦେଉଳ ବ୍ଲକରେ ମଧ୍ୟ ଏହାର ପ୍ରଭାବ ଜାରି ରହିଛି। ଦୁଇଦିନ ଧରି ନାକଟିଦେଉଳ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ଅସହ୍ୟ ଖରା ଜନଜୀବନକୁ କଲବଲ କରୁଥିବା ଦେଖାଦେଇଛି। ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଲାଗିରହୁଥିବାରୁ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହେଉଛି। ରାସ୍ତାଘାଟ, ଦୋକାନବଜାର ଚାରିଆଡ଼େ ଶୂନଶାନ୍ ହୋଇପଡୁଛି। କୌଣସି କାର୍ଯ୍ୟରେ ବାହାରକୁ ବାହାରିଲେ ଅଂଶୁଘାତର ଭୟ ରହୁଛି। ଅନେକ ଅଞ୍ଚଳରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଗୁଡିକ ଅଚଳ ହୋଇଥିବାରୁ ବାଟୋଇମାନେ ଥଣ୍ଡା ପାଣି ପାଇ ପାରୁନାହାନ୍ତି। ଏହି ବ୍ଲକର ଅନେକ ପଞ୍ଚାୟତରେ ପାନୀୟ ଜଳ ସମସ୍ୟାର ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଛି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।




# ବିପର୍ଯ୍ୟସ୍ତ ଅବସ୍ଥାରେ ପରିସ୍ରାଗାର

**ନାକଟିଦେଉଳ, ୨୭।୪(ସମିସ):** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ବଲପୁର ତରଫରୁ ନାକଟିଦେଉଳ ଶିବ ମନ୍ଦିର ଛକଠାରେ ୨୦୨୦/୨୧ ମସିହାରେ ଏକଲକ୍ଷ ଟଙ୍କା ବ୍ୟୟରେ ବିଭାଗୀୟ ସଂସ୍ଥା ଦ୍ୱାରା ନିର୍ମିତ ହୋଇଥିବା ପରିସ୍ରାଗାର ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଉପରେ ପାଣି ଟାଙ୍କି ଥିଲେ ମଧ୍ୟ ପାଣି ଆସୁନାହିଁ। ଶହ ଶହ ଯାତ୍ରୀ ଏହି ଛକ ଦେଇ ଯିବାଆସିବା ସହ ଏହି ଛକରେ ପ୍ରତୀକ୍ଷା କରିଥାନ୍ତି। ଫଳରେ ପରିସ୍ରା ଯିବା ପାଇଁ ସବୁ ସମୟରେ ହନ୍ତସନ୍ତ ହେଉଛନ୍ତି। ନାନା ପ୍ରକାର ଆବର୍ଜନା ସହ ଘାସଲତା ଏହା ଉପରେ ମାଡ଼ିଥିବାରୁ ପାଖକୁ ଯିବା ପାଇଁ ମଧ୍ୟ ଭୟ ଲାଗୁଛି। ପ୍ରଶାସନ ସହ ଜନ ପ୍ରତିନିଧି ମାନଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ ଏହି ସମସ୍ୟାର ସମାଧାନ ହେଉନାହିଁ। ଏଣୁ ବିଭାଗୀୟ ସଂସ୍ଥା ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।



## ସୁଧୁରୁନି ପାନୀୟ ଜଳ ସମସ୍ୟା, ଭୋଟ ବର୍ଜନ ଚେତାବନୀ

# ପାଣି ପାଇଁ ତହଳବିକଳ କେଉଁଟିବେର୍ଣ୍ଣ ଗ୍ରାମବାସୀ



**ନାକଟିଦେଉଳ, ୨୭।୪(ସମିସ):** ନାକଟିଦେଉଳ ବ୍ଲକ ସାଲେଭଟା ଗ୍ରାମପଞ୍ଚାୟତର କେଉଁଟିବେର୍ଣ୍ଣ ଗ୍ରାମବାସୀ ପାନୀୟ ଜଳ ସମସ୍ୟାରେ ଛଟପଟ ହେଉଥିବା ଦେଖାଦେଇଛି। ଏହି ଗ୍ରାମରେ ପାଖାପାଖି ୨୦୦ଟି ପରିବାର ତଥା ୧୫୦୦ ଜନସାଧାରଣ ବସବାସ କରୁଛନ୍ତି। ଗ୍ରାମରେ ୯ଟି ନଳକୂଅ ଥିବାବେଳେ ମାତ୍ର ୬ଟି ବ୍ୟବହାର ଯୋଗ୍ୟ ହେଉଛି। କେଉଁଟିବେର୍ଣ୍ଣ ଓ ବୁଢ଼ାକଟା ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ବସୁଧା ଯୋଜନାରେ ୨୦୨୦/୨୧ ଆର୍ଥିକ ବର୍ଷରେ ବୁଢ଼ାକଟାଠାରେ ଏକ ଓଭରହେଡ଼ ପାଣିଟାଙ୍କି ନିର୍ମିତ ହୋଇଛି। କିଛିଦିନ ଏହି ଦୁଇ ଗ୍ରାମକୁ ପାଣି ଆସିଥିବାବେଳେ ଦୀର୍ଘ ୧ବର୍ଷ ହେବ ଏହା କେବଳ ବୁଢ଼ାକଟା ଗ୍ରାମକୁ ଯୋଗାଣ ହେଉଛି। ଫଳରେ ଏକବର୍ଷ ଧରି କେଉଁଟିବେର୍ଣ୍ଣ ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହି ଗ୍ରାମରେ ୧୨୬ଟି ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିବାବେଳେ ପାଣିକୁ ଚାହିଁ ରହୁଛନ୍ତି। ଗ୍ରାମରେ ଥିବା ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ସେହି ଅବସ୍ଥା। ଗୋଟିଏରେ ନଳକୂଅ ନଥିବାବେଳେ ଅନ୍ୟଟିରେ ୨ଟି ନଳକୂଅ ରହିଛି ଏବଂ ଗୋଟିଏ ଅଚଳ ଅବସ୍ଥାରେ ପଡ଼ିଛି। ଗ୍ରାମର ନିମ୍ନ ସାହିରେ ୪୧ଟି ପରିବାର ବସବାସ କରୁଥିବାବେଳେ ଗୋଟିଏ ନଳକୂଅ ଏବଂ ହରିଜନ ସାହିରେ ୩୫ଟି ପରିବାର ପାଇଁ ଗୋଟିଏ ନଳକୂଅ ରହିଛି। ସକାଳୁ ସନ୍ଧ୍ୟାଯାଏଁ ନଳକୂଅ ଗୁଡିକରେ ଭିଡ଼ ଲାଗିରହୁଥିବା ଦେଖିବାକୁ ମିଳୁଛି। ନିତ୍ୟ ବ୍ୟବହାର ପାଇଁ ତଥା ଗାଈଗୋରୁ ମାନଙ୍କ ପାଇଁ ଗ୍ରାମବାସୀ ୧କିମି ଦୂରରେ ଥିବା ନାଳ ଉପରେ ଭରସା କରୁଛନ୍ତି। ବାରମ୍ବାର ସ୍ଥାନୀୟ ସରପଞ୍ଚ, ସହକାରୀ ଯନ୍ତ୍ରୀ, ବିଡ଼ିଓଙ୍କୁ ଜଣାଇଲେ ସୁଦ୍ଧା କେହି ଶୁଣୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ସମାଧାନ ଶୀଘ୍ର କରା ନଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## କୁଚିଣ୍ଡା ସହରକୁ ଜଳଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ କେତେ ତତ୍ପର

# ଗତବର୍ଷ ପରି ଅବସ୍ଥା ହେବା ନେଇ ଚିନ୍ତାରେ ଅଞ୍ଚଳବାସୀ

**କୁଚିଣ୍ଡା, ୨୭।୪(ସମିସ)**

କୁଚିଣ୍ଡାର ଗୋଟିଏପଟେ ଖର୍ଲା ନଦୀ ଏବଂ ଅନ୍ୟପଟେ ଭେଡେନ ନଦୀ ପ୍ରବାହିତ ହେଉଥିଲେ



ମଧ୍ୟ କୁଚିଣ୍ଡା ଅଞ୍ଚଳରେ ଉତ୍କଟ ପାନୀୟ ଜଳ ସମସ୍ୟା ଲାଗିରହିଛି। ଗତ ଗ୍ରୀଷ୍ମ ଋତୁରେ କୁଚିଣ୍ଡା ଏନ୍ଏସିବାସୀ ପାନୀୟ ଜଳ ପାଇଁ ତହଳବିକଳ ହୋଇଥିଲେ। ପ୍ରଶାସନ ଯଦି ପାନୀୟ ଜଳ ଯୋଗାଣ ପ୍ରତି ବିଶେଷ ଗୁରୁତ୍ୱ ନ ଦିଏ ତେବେ ଏଥର ମଧ୍ୟ ପୂର୍ବବର୍ଷ ଭଳି ଉତ୍କଟ ଜଳ ସମସ୍ୟା ଦେଖାଦେବ ବୋଲି ଅଞ୍ଚଳବାସୀ ଚିନ୍ତାରେ ରହିଛନ୍ତି। ଆଦିବାସୀବହୁଳ କୁଚିଣ୍ଡା ଏନ୍ଏସି ୧୧ୱାର୍ଡ ବିଶିଷ୍ଟ। ଅଧିକାଂଶ ଅଧିବାସୀ ଆଦିବାସୀ, ହରିଜନ, ପଛୁଆ ଓ ଗରିବଶ୍ରେଣୀର। ଖରଲାନଦୀ ତଟଦେଶରେ (ନିକଟସ୍ଥ ଝୁଲେନ ପୋଲ) ଦୀର୍ଘବର୍ଷ ତଳେ କରାଯାଇଥିବା ଇନ୍‌ଟେକ୍ ୱେଲରୁ ସହରକୁ ଜଳଯୋଗାଣ କରାଯାଇଥାଏ। ଏଥିପାଇଁ ଝୋଲେନ ପୋଲ ନିକଟରେ ଓ ଅନ୍ୟଟି ଜନସ୍ୱାସ୍ଥ୍ୟ ବିଭାଗ ପରିସରରେ ଶୋଧନ ଓ ବିତରଣ ବ୍ୟବସ୍ଥା କରାଯାଇଛି। ଗତବର୍ଷ ଗ୍ରୀଷ୍ମଋତୁରେ ଉକ୍ତ ଦୁଇ ପାଣିଟାଙ୍କିକୁ ଆବଶ୍ୟକ ପାଣି ମିଳି ନଥିବା ଅଭିଯୋଗ ହୋଇଥିଲା। ସହରବାସୀଙ୍କୁ ଜଳ ଯୋଗାଇବାରେ ପିଏଚଡି ଜେଇ ନୀଳମାଧବ ନାଗ ସଫଳ ହୋଇଥିଲେ ମଧ୍ୟ ବହୁପଡ଼ାରେ ରହିଥିବା ନଳକୂପଗୁଡିକ ପ୍ରଶାସନର ରକ୍ଷଣାବେକ୍ଷଣ ଅଭାବ ଯୋଗୁ ସେଗୁଡ଼ିକ ଅଚଳ ହୋଇପଡ଼ିଥିଲା। ଅନେକ ନଳକୂଅ ଅଞ୍ଚଳ ଜବରଦଖଲ ହୋଇରହିଛି। ୧୫ବର୍ଷ ତଳେ ଦୁଇଟି ବୃହତ୍ ପ୍ରକଳ୍ପ ଜରିଆରେ ସହରବାସୀଙ୍କ ପାନୀୟଜଳ ଯୋଗାଇ ଦିଆଯାଇଥିଲା। କୋଟି କୋଟି ଟଙ୍କା ଅର୍ଥ ବ୍ୟୟରେ ପ୍ରକଳ୍ପ କରାଯାଇଥିବାବେଳେ ଗତବର୍ଷ ମେ ମାସରେ ଅଚଳ ହେବା ଯୋଗୁଁ ସହରରେ କୃତ୍ରିମ ଜଳାଭାବ ଦେଖାଦେଇଥିଲା। ବହୁ ପରିବାର ପାଣି ଅଭାବରୁ ସହର ଛାଡ଼ିବାକୁ ବାଧ ହୋଇଥିଲେ। ଗାଁ ଛାଡ଼ି ସହରରେ ରହୁଥିବା ପରିବାର ଗାଁକୁ ଫେରିଯାଇଥିଲେ। ସେହିପରି ପିଏଚ୍‌ଡି ପାଣି ଉପରେ ସମ୍ପୂର୍ଣ୍ଣ ଭରସା କରି ରହୁଥିବା ଗରିବ ଓ ପଛୁଆ ଅଧିବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ତେଣୁ ଏଥର ପ୍ରଶାସନ ଏ ଦିଗରେ ଆଗୁଆ ସଚେତନ ନ ହେଲେ ପୁଣି ସମାନ ଅବସ୍ଥା ଉପୁଜିବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଗତବର୍ଷ ନଦୀ ପାଣିର ସ୍ରୋତ ହ୍ରାସ ପାଇଥିବା କୁହାଯାଉଥିଲେ ମଧ୍ୟ ତଳ ଜଳସ୍ତର ସ୍ୱାଭାବିକ ରହିଥିଲା। ଏହା ସତ୍ତ୍ୱେ ପରିଚାଳନାଗତ ତ୍ରୁଟି ଏବଂ ଦୂରଦୃଷ୍ଟି ଅଭାବ ଯୋଗୁଁ ଜଳାଭାବ ସୃଷ୍ଟି ହୋଇଥିଲା। ଚଳିତବର୍ଷ ନିର୍ବାଚନ ଋତୁ ହୋଇଥିବାବେଳେ ଏ ଦିଗରେ ଜନସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିଦେବା ଆବଶ୍ୟକ ହୋଇପଡ଼ିଛି। ଗତବର୍ଷର ତ୍ରୁଟି ପୁନଃ ନହେବାକୁ ସଚେତନ ମହଲରୁ ଦାବି ହେଉଛି।



■ କାର୍ ଓ ବୋଲେରୋ ମୁହାଁମୁହିଁ

# ଜଣେ ମୃତ, ୨ଜଣ ଗୁରୁତର

**ଭଟଲି, ୨୭।୪(ସମିସ):** ଭଟଲି ଥାନା ଅନ୍ତର୍ଗତ ସୁଲୁସୁଲିଆ ଓ ତାଳପାଲି ରାସ୍ତାରେ ଆଜି ଶନିବାର ୧୨ଟାରେ ଏକ ଅଲ୍‌ଟୋ କାର ଓ ବୋଲେରୋ ମୁହାଁମୁହିଁ ଧକ୍କା ଫଳରେ ଜଣେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣାରେ ରୁଚିଦା ଗ୍ରାମର କୀର୍ତ୍ତନ ଗାୟିକା ଅଞ୍ଜନା ଦେହେରୀଙ୍କ ସ୍ୱାମୀ ଅର୍ପଣ ଦେହେରୀ (୩୦) ମୃତ୍ୟୁବରଣ କରିଥିବା ବେଳେ ଅଲଟୋରେ ବସିଥିବା ରୁଚିଦା ଗ୍ରାମର ଆଶିଷ ପଧାନ (୩୫) ଓ ହର ପଧାନ (୩୪) ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତୁରନ୍ତ ପୁଣି ବୁର୍ଲା ସ୍ଥାନାନ୍ତରିତ କରାଯାଇଛି। ରୁଚିଦା ଗ୍ରାମର ଅଲଟୋ ଗାଡି ନମ୍ବର ଓଡି ୦୨ବିଏ ୩୩୮୭ ଯୋଗେ ଭଟଲିରୁ ସୋହେଲା ସ୍ଥିତ ବନ୍ଧଲା ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ବୋଲେରୋ ଗାଡ଼ି ନମ୍ବର ଓଆର୍ ୧୯କେ୨୪୫୧ ଯୋଗେ ଗୌଡଗାଁ ଗ୍ରାମରୁ ଝିକଝିକ ଗ୍ରାମକୁ ବରବଧୂଙ୍କୁ ଛାଡିବାକୁ



ଯାଉଥିବା ବେଳେ ସୁଲୁସୁଲିଆ ଓ ତାଳପାଲି ରାସ୍ତାରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ତେବେ ଅଲଟୋ ଗାଡ଼ିର ସମ୍ମୁଖ ଭାଗ ଚୁରମାର ହୋଇଯାଇଛି। ଡ୍ରାଇଭର ଅର୍ପଣଙ୍କ ମୁହଁରେ ପ୍ରଚଣ୍ଡ ଆଘାତ ହେତୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କାରରେ ବସିଥିବା ଆଶିଷ ଓ ହର ଙ୍କ ଗୋଡ଼ ହାତ ଭାଙ୍ଗି ଯାଇଛି। ଭଟଲି ପୁଲିସ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚିଥିଲେ। ସେଠାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସଂଗେ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲେ। ଭଟଲି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅର୍ପଣଙ୍କ ଚକ୍ଷୁ ଦ୍ୱୟକୁ ଦାନ କରାଯାଇ ଥିବା ପରିବାର ସୂତ୍ର ରୁ ପ୍ରକାଶ।

ବରଗଡ଼ରେ ବେଲଗାମ୍ ନିଶା କାରବାର

# ଧରପଗଡ଼ ନାହିଁ, ଚୁପ୍ ହୋଇ ବସିଛି ପୁଲିସ

**ବରଗଡ଼, ୨୭।୪(ସମିସ)**

ବରଗର ଜିଲ୍ଲାରେ ବେଲଗାମ ନିଶା କାରବାରକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡ଼ିଛନ୍ତି। ବେଆଇନ କଫସିରପ, ନିଶାଔଷଧ ଓ ନିଶା ଇଞ୍ଜେକ୍‌ସନ୍ ଧୀରେ ଧୀରେ ବରଗର ଜିଲ୍ଲାବାସୀଙ୍କୁ ଗ୍ରାସ କରିବାରେ ଲାଗିଲାଣି। ବହୁ କ୍ଷେତ୍ରରେ ପୁଲିସ ଏହି କାରବାର ବନ୍ଦ କରିବା ପରିବର୍ତ୍ତେ ଚୁପ ହୋଇ ବସି ରହିଥିବା ଅଭିଯୋଗ ହେଉଛି। କାଁ ଭାଁ କେବେ କେମିତି ବେଆଇନ କଫସିରପ ତଥା ନିଶା କାରବାରଗୁଡ଼ ପୁଲିସ ଅଙ୍କୁଶ ଲଗାଇବାକୁ ଯାଇ ଚାଡ଼ାଉ କରୁଥିବା ବେଳେ ପୂର୍ବବର୍ତ୍ତ ଏହି କାରବାର ଆହୁରି ବ୍ୟାପକ ମାତ୍ରାରେ ଦେଖିବାକୁ ମିଳୁଛି। ଜିଲ୍ଲାରେ ନିଶାଖୋରମାନଙ୍କ ପ୍ରଥମ ପସନ୍ଦ ପାଲଟିଛି କଫସିରପ, ନିଶାବଟିକା ତଥା ଇଞ୍ଜେକସନ। ବହୁ କ୍ଷେତ୍ରରେ ଯୁବଗୋଷ୍ଠୀ ଔଷଧ ପାଇଁ ବ୍ୟବହାର ହେଉଥିବା ଏହି କଫସିରପ ଆଦି ନେଇ ନିଶାଗ୍ରସ୍ତ ହେଉଥିବା ପରିଲକ୍ଷିତ ହେଉଛି। ବରଗଡ଼ ସହରରେ କଫସିରପ କାରବାର ରୋକିବାରେ ପୁଲିସ ପ୍ରଶାସନ ତରଫରୁ ସେପରି ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନଥିବା ଦେଖିବାକୁ ମିଳିଛି। କେବେ କେମିତି ଅଭଯୋଗ ହେଲେ ଧର୍ମକୁ ଆଖିଠାର ପରି ଚଢ଼ାଉ କରୁଥିବା କାହାକୁ ଅଛପା ନୁହେଁ। ପ୍ରତ୍ୟହ ହଜାର ହଜାର ବୋତଲ ବେଆଇନ କଫସିରପ ବରଗଡ଼ ଜିଲ୍ଲାକୁ ଆସୁଥିବା ନେଇ ବିଗତ କିଛି ବର୍ଷ ପୂର୍ବେ ହେଉଥିବା ପୁଲିସର ଚଢ଼ାଉ ଓ ଜବତ ସମୟରେ ଜଣାଯାଇଥିଲା। ମାତ୍ର ନିୟମିତ ବ୍ୟବଧାନରେ ଚଢ଼ାଉ ହେଉ ନଥିବା ଯୋଗୁଁ ଏହି କାରବାର ଉତ୍କଟ ହେବାକୁ ବସିଲାଣି। ଧୀରେ ଧୀରେ ପୂରା ଜିଲ୍ଲାକୁ ଏହା ମାଡ଼ିଗଲାଣି। ଏ ସମ୍ପର୍କରେ ବାରମ୍ବାର ଖବରକାଗଜ ପୃଷ୍ଠା ମଣ୍ଡନ କରୁଥିଲେ ବି ଅଧିକାରୀଙ୍କ ଛତ୍ରଛାୟା ତଳେ ବହୁ ନିଶାବେପାରୀ ଖୁଲମଖୁଲା ଏପରି କାରବାର କରି ଆସୁଛନ୍ତି। ଡାକ୍ତରଙ୍କ ପରାମର୍ଶକ୍ରମେ କଫ ହେଉଥିବା ରୋଗୀଙ୍କୁ ସିରପ୍ ଖାଇବାକୁ ଦିଆଯାଇଥାଏ। ଯେଉଁଥିରେ କୋଡିନ୍ ଫସ୍‌ଫେଟ୍‌ର ମାତ୍ରା ୧୦ ପ୍ରତିଶତ ଥାଏ। କୋଡିନ୍ ଫସ୍‌ଫେଟ୍ରର ଲକ୍ଷଣ ହେଉଛି, ରୋଗୀ ଏହାକୁ ଖାଇବା ମାତ୍ରେ ସଙ୍ଗେ ସଙ୍ଗେ ନିଘୋଡ଼ ନିଦ ଚାଲିଆସେ।





ଫଳରେ ରୋଗୀଙ୍କୁ ଆଉ ସେତେଟା କଷ୍ଟ ଅନୁଭବ ହୁଏନି। ଯଦି ଏହାକୁ ମାତ୍ରାଧିକ ସେବନ କରାଯାଏ, ତେବେ ଏହା ମଦଠୁ ବି ଅଧିକ ନିଶା ଲାଗିଥାଏ। ଯୁବଗୋଷ୍ଠୀ ଏହାକୁ ଅଭ୍ୟାସରେ ପରିଣତ କରିଦେଲେଣି। ଗତ ବର୍ଷ ଜିଲ୍ଲାରେ ପୁଲିସ ହଜାର ହଜାର ବୋତଲ କଫସିରପ ଧରିଥିବା ବେଳେ ବର୍ତ୍ତମାନ ଏହି କାରବାର ଉପରେ ଚଢ଼ାଉ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ବରଗଡ଼ ଜିଲ୍ଲାକୁ କାର, ପିକଅପ ତଥା ବିଭିନ୍ନ ଯାନବାହାନ ଯୋଗେ କଟକ ଠାରୁ ଆରମ୍ଭ କରି ଦିଲ୍ଲୀରୁ ମଧ ବେଆଇନ କଫସିରପ ଆସିଥାଏ। ଯାହାକି ସହରର ବିଭିନ୍ନ ଗଳି କନ୍ଦିରେ ଖୁଲମଖୁଲା ବିକ୍ରୀ ହୋଇଥାଏ। ଏପରିକି ସହରର ଲୋକମଣ୍ଡପ ପଡ଼ିଆ, ହାଇସ୍କୁଲପଡ଼ିଆ, ଘରୋଇ ବସଷ୍ଟାଣ୍ଡ ଆଦି ଖୋଲା ବାରରେ ପରିଣତ ହୋଇଯାଇଛି। ଦିନ ରାତି ଉପରୋକ୍ତ ସ୍ଥାନ ମାନଙ୍କରେ କଫସିରପ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ କାରବାର ହେଉଥିବା ଅଭିଯୋଗ ହେଉଛି। ତେବେ ଏହି ବେଆଇନ କଫସିରପ ତଥା ନିଶା କାରବାର ରୋକିବା ନେଇ ପୁଲିସର ଆନ୍ତରିକତା ନଥିବା ପରିଲକ୍ଷିତ ହେଉଛି। ଅପରପକ୍ଷେ ଏହି କାରବାରରେ ଏକ ବଡ଼ ଧରଣର ର୍‌ୟାକେଟ୍ କାମ କରୁଥିବା ଏବଂ ଏଥିପାଇଁ କିଛି ପୁଲିସ କର୍ମଚାରୀ ସେମାନଙ୍କ ସହ ସିଧାସଳଖ ସମ୍ପର୍କ ରହୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିପରି ପୁଲିସ ନିଜର କିଛି ଏଜେଣ୍ଟ ଜରିଆରେ ନିଶା ବେପାରୀଙ୍କ ଠାରୁ ମାସକିଆ ବଟି ସଂଗ୍ରହ କରୁଥିବା ମଧ ଚର୍ଚ୍ଚା ହେଉଛି। ଏ ନେଇ ଉଚ୍ଚପଦସ୍ଥ ପୁଲିସ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଲ୍ଲାରେ ବଢ଼ି ଚାଲିଥିବା ନିଶା କାରବାର ରୋକିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

# ବିଜେଡିର ମିଶ୍ରଣ ପର୍ବ: ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଯୁବକଙ୍କ ଯୋଗଦାନ



**ବରଗଡ଼, ୨୭।୪(ସମିସ):** ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରି ବରଗଡ଼ ବିଧାୟକ ଦେବେଶଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ତାଙ୍କ ବହୁ ସମର୍ଥକଙ୍କ ସହିତ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ବିଭିନ୍ନ ଦଳର ଶତାଧିକ ଯୁବକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ରାଜ୍ୟର ବିକାଶ ପ୍ରକ୍ରିୟାକୁ ସମର୍ଥନ ଜଣାଇ ବରଗଡ଼ର ଯୁବ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନିର୍ମଳ ଭାବ ମୂର୍ତ୍ତିରେ ପ୍ରଭାବିତ ହୋଇ ବିଜେଡିରେ ଯୋଗ ଦେଇଥିବା ଉଲ୍ଲେଖ କରିଛନ୍ତି। ବରିଷ୍ଠ ନେତା ମହମ୍ମଦ ଅଲିମ୍, କେ.ବି. କର୍ଣ୍ଣାଲ, ପାଷ୍ଟର ବୁଲୁ କୁମ୍ଭାର, ତିତୁସ ନନ୍ଦ, ବିଜୟ ସୁନା, କୁନା ବିଭାର, ବିନୋଦ ନନ୍ଦ, ମହମ୍ମଦ ୟାସିମ୍, ମିକୁ ନାଗ, ସୁଦାମ ସାହୁ ପଙ୍କଜ ଝା, ମହମ୍ମଦ ଅସିଫ, ମହମ୍ମଦ କଲିମ୍, ମହମ୍ମଦ ସୋନୁ, ଲାଲା ଦୀପ, ସିଶଯିତ୍ କର, ଉମାକାନ୍ତ କୁମ୍ଭାର, ରଞ୍ଜନ ନନ୍ଦ, ବିଜୁ ବାରିକ, ଜ୍ଞାନ ନନ୍ଦ, ସୁରେନ୍ଦ୍ର ସିକ୍କା ପ୍ରମୁଖ ଶତାଧିକ ସମର୍ଥକ ବିଜେଡି ରେ ଯୋଗଦେଇ ଆଗାମୀ ଦିନରେ ବିଜୁ ଜନତା ଦଳ ପାଇ ନିଷ୍ଠାପର କର୍ମୀ ଭାବେ କାର୍ଯ୍ୟ କରିବେ ବୋଲି ଉଲ୍ଲେଖ କରି ବରଗଡ଼ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ବିଜୁ ଜନତା ଦଳର ବରିଷ୍ଠ ନେତା ଏମ୍ ଡି ଶବଦର କାଉନସିଲର ଉମାଚରଣ ରାଉତ, ଲିପୁ ସାହୁ କମଳ ତାଣ୍ଡି, ଶୟନ ପଣ୍ଡା, ଅନୁପ ସତପଥି ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର



**ବରଗଡ଼, ୨୭।୪(ସମିସ):** କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବରାହଗୁଡ଼ା ସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରରେ ଯୋଗ, ସନ୍ତରଣ, ନୃତ୍ୟ, କଳା, ଗୀତ, କ୍ରିକେଟ୍, ଫୁଟ୍‌ବଲ୍, ବ୍ୟାଡ୍‌ମିଣ୍ଟନ୍, ବାସ୍କେଟ୍‌ବଲ୍, ଦର୍ଶନୀୟ ସ୍ଥାନ ପରିଭ୍ରମଣ, ଲାଇଫ୍ ସ୍କିଲ୍, ପ୍ରେରଣାଦାୟକ ବକ୍ତବ୍ୟ, ଦୁଃସାହସିକ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗ୍ରୀଷ୍ମ ଶିବିରକୁ ମନଭରି ଉପଭୋଗ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ହୋଇପାରିବ। ବିକାଶ କ୍ରୀଡ଼ା ଓ ସିସିଏ ବିଭାଗର ସହଯୋଗରେ କ୍ୟାମ୍ପ୍ କୋଅର୍ଡିନେଟର ପିତାମ୍ବର ପ୍ରଧାନ ଶିବିରକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଯୋଗଦେଇ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା, ଶୁଭକାମନା ତଥା ଉତ୍ସାହିତ କରିଥିଲେ। ଉକ୍ତ ଗ୍ରୀଷ୍ମ ଶିବିର ୨୬ ଅପ୍ରେଲ୍ ୨୦୨୪ ରୁ ପ୍ରାରମ୍ଭ ହୋଇ ୭ ମଇ ୨୦୨୪ ରେ ସମାପନ ହେବ। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାର୍‌ମେନ ଡି.ମୂରଲୀ କ୍ରିଷ୍ଣା ଉକ୍ତ ଶିବିର ପାଇଁ କାର୍ଯ୍ୟ କରୁଥିବା କ୍ରୀଡ଼ା ଓ ସିସିଏ ବିଭାଗର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପ୍ରଶଂସା କରିବା ସହିତ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

■ ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ,

## ଉହଡହ ଖରାରେ ସିଝୁଛନ୍ତି ଯାତ୍ରୀ

**ପଦ୍ମପୁର, ୨୭।୪(ସମିସ):** ମୁଣ୍ଡଫଟା ଖରା। ସକାଳ ପାଇଲେ ପ୍ରଚଣ୍ଡ ରୌଦ୍ରତାପରେ ସାରା ସହର ଅସ୍ତବ୍ୟସ୍ତ ହୋଇପଡୁଛି। କିଛି ଦିନ ଧରି ତାପମାତ୍ରା ୪୩/୪୪ ଡିଗ୍ରୀ ଉପରେ ରହୁଛି। ଏଭଳି ଖରାରେ କାହିଁ ହେଲେ ଛାଇ ଟିକେ ନାହିଁ। ଉହଡହ ଖରାରେ ବସ୍ କୁ ଅପେକ୍ଷା କରି ଛିଡା ହେଉଛନ୍ତି ଯାତ୍ରୀ। ଏହା ହେଉଛି ପଦ୍ମପୁର ମୁଖ୍ୟ ଛକ ବୋଲାଉଥିବା ଭେଉଁରିଆ ଛକର ଅବସ୍ଥା। ଏହି ଛକରୁ ବଲାଙ୍ଗୀର, ବରଗଡ଼, ନୂଆପଡ଼ା, ଛତିଶଗଡ଼କୁ ବସ ଚଳାଚଳ କରିଥାଏ। ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ପରେ ଲୋକଙ୍କ ଆଶା ଥିଲା ଏଠାରେ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ ଟିଏ ନିର୍ମାଣ ହେବ। ମାତ୍ର ଏହି ନୂତନ ରାସ୍ତା ସମ୍ପ୍ରସାରଣ ପାଇଁ ଯାତ୍ରୀଙ୍କୁ ଛାୟା ପ୍ରଦାନ କରୁଥିବା ବଡ଼ ବଡ଼ ବୃକ୍ଷକୁ କାଟି ଦିଆଯାଇଛି। ଖର ବର୍ଷା ସବୁବେଳେ ଯାତ୍ରୀ ଏଠାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗ ରାଜପଥ ନିର୍ମାଣ କରି ନିଜର କର୍ତ୍ତବ୍ୟ ସାରିଦେଇଥିବା ବେଳେ ବୃକ୍ଷ ରୋପଣ କିମ୍ବା ଅପେକ୍ଷାରତ ଯାତ୍ରୀ ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନକରିବା ଦୁଃଖର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଜୋର୍ ଧରିଛି ବିଜେଡିର ଘରକୁ ଘର ପ୍ରଚାର

**ବରଗଡ଼, ୨୭।୪(ସମିସ):** ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତି ରାଜନୈତିକ ଦଳ ନିଜ ନିଜ ଢଙ୍ଗ ରେ ମତଦାତାଙ୍କ ପାଖକୁ ଯାଉଥିବା ବେଳେ ବରଗଡ଼ ବିଜୁ ଜନତା ଦଳର ମହିଳା କର୍ମୀ ଘରକୁ ଘର ଯାଇ ନିର୍ବାଚନ ପ୍ରଚାର କରିଛନ୍ତି। ଗ୍ରାମାଞ୍ଚଳରେ ସ୍ଥାନୀୟ ମହିଳା ବିଜେଡି କର୍ମୀ ଗ୍ରାମର ପ୍ରତି ଘରକୁ ଯାଇ ପ୍ରତି ମତଦାତାଙ୍କୁ ଭେଟି ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ସରକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଉଥିବା ବେଳେ ବରଗଡ଼ ସହରରେ ମଧ ପ୍ରତି ୱାର୍ଡରେ ସ୍ଥାନୀୟ ବିଜେଡି ନେତ୍ରୀ ଓ ବିଜେଡି କର୍ମୀ ମାନେ ପ୍ରତି ଘରକୁ ଯାଇ ବିଜେଡି ବିଧାନସଭା ପ୍ରାର୍ଥୀ ଦେବେଶ ଓ ଲୋକସଭା ପ୍ରାର୍ଥୀନୀ ପରିଣୀତା ମିଶ୍ରଙ୍କ ପାଇଁ ଡବଲ ଶଙ୍ଖରେ ଆଶୀର୍ବାଦ କାମନା କରୁଥିବା ଲକ୍ଷ୍ୟ କରାଯାଇଛି। ଏହି ଅବସରରେ ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ



ବଗେଇବିରା ଗ୍ରାମରେ କେଦ୍ରେଶ୍ୱରି ଭୁଏ ଓ ସୁରେଶ୍ୱରୀ ଭୁଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସଦସ୍ୟା ମାନେ ଗ୍ରାମର ପ୍ରତିଘର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜୁ ଜନତା ଦଳ ପାଇଁ ଆଶୀର୍ବାଦ କାମନା କରୁଥିବା ବେଳେ ଠିକ୍ ସେହିପରି ଧାଙ୍ଗେର ପଞ୍ଚାୟତ ରୁହିନିଆରେ ମଧ ଶ୍ୱେତକହ୍ନା କର, କନକ କୁମ୍ଭାରଙ୍କ ନେତୃତ୍ୱରେ ଶତାଧିକ ମହିଳା ଘରକୁ ଘର ଯାଇ ବିଜୁ ଜନତା ଦଳର ପ୍ରଚାର କରିଛନ୍ତି।

# ଭଇଁଷାଦର୍ହାରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର



**ଝାରବନ୍ଧ /ପଦ୍ମପୁର, ୨୭।୪ (ସମିସ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ଭଇଁଷାଦର୍ହାରେ ବିଜୁ ଜନତା ଦଳର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ପ୍ରାର୍ଥୀ ବର୍ଷା ସିଂ ବରିହା ଯୋଗ ଦେଇ ଦଳୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ସହିତ ବାୟୋଜ୍ୟେଷ୍ଠ ଙ୍କ ଆଶୀର୍ବାଦ ଲାଭ କରିଥିଲେ। ରାଜ୍ୟସରକାରଙ୍କ ଲୋକାଭୀମୁଖି ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇ ଚଳିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳକୁ ଭୋଟ ଦେବା ପାଇଁ ନିଜ ପ୍ରଚାରରେ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ଝାରବନ୍ଧ ବ୍ଲକ ସଭାପତି ଯତୀନ୍ଦ୍ର ହାତୀ ଓ ବ୍ଲକ ଅଧକ୍ଷ ପ୍ରତିନିଧି ବିଜୟ କେତନ ପ୍ରଧାନ ସମେତ କର୍ମୀ ତଥା ନେତୃବୃନ୍ଦ ଉପସ୍ଥିତ ଥିଲେ।

■ ମେ ୨ରେ ହେବ ଜିଲ୍ଲା

## ମହିଳା କ୍ରିକେଟରଙ୍କ ଚୟନ

**ବରଗଡ଼, ୨୭।୪(ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଆରମ୍ଭ ହେବାକୁଥିବା ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲ୍ଲା ମହିଳା କ୍ରିକେଟ ଦଳ ଚୟନ ଆସନ୍ତା ମଇ ୨ ତାରିଖ ରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଥିବା ଖେଳାଳୀ ଆସନ୍ତା ମଇ ୧ ତାରିଖ ମଧ୍ୟରେ ସେମାନଙ୍କ ଆଧାରକାର୍ଡ଼, ନିଜର ସମ୍ମତି ପତ୍ର, ଜନ୍ମ ପରିଚୟ ପତ୍ର, ମାଟ୍ରିକ ସାର୍ଟିଫିକେଟ, ମୋବାଇଲ ନମ୍ବର ୯୯୩୮୫୬୦୮୦ ସହିତ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରିକେଟ ଏସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

କୋର୍ଟଙ୍କ ରାୟକୁ ପୌରସଂସ୍ଥାର ଅବମାନନା ଅଭିଯୋଗ

# ପୁଣି ଚର୍ଚ୍ଚାରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

**ବରଗଡ଼, ୨୭।୪(ସମିସ)**

ବରଗଡ଼ ସହରର ମୁଖ୍ୟ ରାସ୍ତା ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ ପର୍ଯ୍ୟନ୍ତ ରାସ୍ତାରେ ଜବରଦଖଲ ଉଚ୍ଛେଦ ମାମଲାକୁ ନେଇ ସମଲେଶ୍ୱରୀ ସଂଘ ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜାରି ପରେ ଉକ୍ତ ମାମଲା ପୁଣି ଥରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ଯେ ଗତବର୍ଷ ଜୁନ ୨୧ ତାରିଖରେ ବରଗଡ଼ ସମଲେଶ୍ୱରୀ ସଂଘ ତଥା ବହୁ ସାଂସ୍କୃତିକ, ସାମାଜିକ ଓ ଯୁବ ସଙ୍ଗଠନର ସଦସ୍ୟମାନେ ଏକତ୍ରିତ ଭାବେ ଜବରଦଖଲ ଉଚ୍ଛେଦ ସହ ରାସ୍ତା ପ୍ରଶସ୍ତିକରଣ ପାଇଁ ଦାବି ଜଣାଇଥିଲେ। ଯାହାକୁ ବରଗଡ଼ ଓକିଲ ସଂଘ ସମର୍ଥନ ଜ୍ଞାପନ କରିବା ସହ ଆନ୍ଦୋଳନରେ ସାମିଲ ହେବା ପରେ ଜିଲ୍ଲାପାଳ ଆଲୋଚନା ପାଇଁ ବୈଠକ ଆହ୍ୱାନ କରିଥିଲେ। ମିଳିତ ନିଷ୍ପତ୍ତିକ୍ରମେ ଜୁଲାଇ ୩୧ରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ କିଛି ଜବରଦଖଲକାରୀମାନେ ଏନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ପରେ ଉଚ୍ଛେଦ ପ୍ରକ୍ରିୟା ବାଧା ପାଇଥିଲା। ବେଶ କିଛିଦିନ ଧରି ପୌର ବିଭାଗ ଓ ଜବରଦଖଲକାରୀଙ୍କ ଏକାଧିକ ଶୁଣାଣୀ କରିବା ପରେ ହାଇକୋର୍ଟ ଫେବୃଆରୀ ୧ ତାରିଖରେ ୧୫ ଦିନର ନୋଟିସ ଦେଇ ଜବରଦଖଲ ହଟାଇବା ପାଇଁ ପୌର ବିଭାଗକୁ ଆଦେଶ ଦେଇଥିଲେ। ବରଗଡ଼ବାସୀଙ୍କ ଚାପରୁ ପୌର ବିଭାଗ ଦୁଇଟି କାର୍ଯ୍ୟଦିବସରେ ଅଭିଯୁକ୍ତମାନଙ୍କୁ ଡାକି କାଗଜପତ୍ର ଯାଞ୍ଚ କରିବା ସତ୍ତ୍ୱେ ଚୁପ ପଡ଼ି ଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବରଗଡ଼ ମୂଳନିବାସୀଙ୍କ ଦାବିକୁ ଅଣଦେଖା କରାଯାଉଥିଲେ ମଧ ପ୍ରଶାସନିକ ବା ସରକାରୀ ସ୍ତରରେ କୌଣସି ପ୍ରତିକ୍ରୀୟା ପ୍ରକାଶ ପାଉନଥିବା ବେଳେ ଏଭଳି ଏକ ଗୁରୁତର ପ୍ରସଙ୍ଗ ଉପରେ କୌଣସି ରାଜନୈତିକ ଦଳର ନେତାମାନେ ମୁହଁ ଖୋଲିବା ପାଇଁ ସତସାହସ ଜୁଟାଇ ପାରୁନଥିବାରୁ ଏହାଠାରୁ ବଳି ଦୁଃଖ କିଛି ହୋଇନପାରେ ବୋଲି ସମଲେଶ୍ୱରୀ ସଂଘ ଅଭିଯୋଗ କରିଛି। ଯାହାକୁ ନେଇ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନକୁ ଏଡ଼ାଇ ଦିଆଯାଇନପାରେ ବୋଲି ସଂଘ ପକ୍ଷରୁ ଲିଖିତ ଭାବେ ଚେତାବନୀ ଦିଆଯିବା ସହ ସହରର ସମସ୍ତ ସଂଗଠନ ସାହାଯ୍ୟ ସହଯୋଗ ପାଇଁ ନିବେଦନ କରିଛି। ଏ ନେଇ ସଂଘ ପକ୍ଷରୁ ସଭାପତି ସମୀର ପ୍ରଧାନ ଓ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର ପତ୍ର ଜରିଆରେ ଗଣମାଧ୍ୟମକୁ ଅବଗତ କରି ପୌର ବିଭାଗର ଅବହେଳାକୁ ସମାଲୋଚନ କରିଛନ୍ତି।

# ଖାଉଟିଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି



**ପଦ୍ମପୁର, ୨୭।୪(ସମିସ):** ପଦ୍ମପୁର ଠାରେ ଭିତ୍ତିଭୂମି ଦ୍ୱାରା ପରିଚାଳିତ କ୍ରୋପ୍ସଫରଏଚଡି ପ୍ରକଳ୍ପ ଦ୍ୱାରା ପୃଷ୍ଟିକର ମାଣ୍ଡିଆରୁ ପ୍ରସ୍ତୁତ ଚା, କଫି, କେକ୍ ଏବଂ ପ୍ରଚଣ୍ଡ ଖରାରୁ ମୁକ୍ତି ପାଇବା ପାଇଁ ମାଣ୍ଡିଆ ଚଲ୍‌ହା, ମାଣ୍ଡିଆ ଲସି ଭଳି ସୁସ୍ୱାଦୁ ଦ୍ରବ୍ୟ ପ୍ରସ୍ତୁତି ଏବଂ ବିକ୍ରୟ କରିବାର ଯୋଜନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଦେଶୀ କାଫେର ପ୍ରଭାସିନୀ ମେହେର ସମସ୍ତ ଖାଦ୍ୟଦ୍ରବ୍ୟର ପ୍ରସ୍ତୁତ ପ୍ରଣାଳୀ ବିଷୟରେ ତାଲିମ ଦେଇଥିଲେ। ପରିଚାଳକ ଶୁଭଶ୍ରୀ ଦେବତା ଏବଂ ମିଲନ ପାଣିଗ୍ରାହୀ, ମିଲେଟ ମିଶନ କାଫେ ପରିଚାଳକ ସଦସ୍ୟା ତାଲିମ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୱାସନର ଜିଲ୍ଲା ପ୍ରକଳ୍ପ ପରିଚାଳକ ସବ୍ୟସାଚୀ ହନୁମାନ ସମେତ ବିମଳ କୃଷି ଉତ୍ପାଦକ କମ୍ପାନୀ ର ସି.ଇ.ଓ ତରଣୀ ଦ୍ୱାରୀ, ମିଲେଟ ମିଶନର ବ୍ଲକ ପରିଚାଳକ ଟୁଲେଶ୍ୱର ବୈକାର ମାଣ୍ଡିଆର ଉପକାରିତା ବିଷୟରେ ଖାଉଟି ମାନଙ୍କୁ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଭିତ୍ତିଭୂମିର କାହ୍ନୁ ମିଶ୍ର, ବାବୁଲୁ ବଗର୍ତ୍ତି, ଶୁକଦେବ ସ୍ୱାଇଁ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସରକାରୀ ନିର୍ଦ୍ଦେଶକୁ ବେଖାତିର

# ଝାରସୁଗୁଡ଼ାରେ ଚାଲିଛି ଘରୋଇ ସ୍କୁଲ



**ଝାରସୁଗୁଡ଼ା, ୨୭।୪ (ସମିସ):** ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ରାଜ୍ୟସରକାର ସମସ୍ତ ଜିଲ୍ଲାର ସରକାରୀ ଓ ଘରୋଇ ସ୍କୁଲ ଗୁଡ଼ିକୁ ଛୁଟି କରିଛନ୍ତି। କିନ୍ତୁ ସରକାରଙ୍କ ଏହି ନିୟମକୁ ବେଖାତିରକରି ଝାରସୁଗୁଡ଼ାର କେତେକ ଘରୋଇ ସ୍କୁଲ ଗୁଡ଼ିକ ଖୋଲା ରହୁଛି। ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଖରାଛୁଟିରେ ବିନା ୟୁନିଫର୍ମରେ ସ୍କୁଲ ଆସିବାକୁ ବାଧ କରାଯାଉଛି।

# ଲୋକେ ପାଉନାହାନ୍ତି, ରାସ୍ତାରେ ବୋହୁଛି ପାଣି

ଝାରସୁଗୁଡ଼ା, ୨୭।୪(ସମିସ)

ପାଣି ବୁନ୍ଦାଏ ପିଇବା ପାଣି ପାଇଁ ଝାରସୁଗୁଡ଼ା ବାସୀ ହସ୍ତତନ୍ତ। କିନ୍ତୁ ରାସ୍ତା ଉପରେ ବୋହିଯାଉଛି ଶହ ଶହ ଲିଟର ପାଣି। ଏମିତି ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡ଼ା ସହରରେ। ଝାରସୁଗୁଡ଼ା ସହରର ସରବାହାଲ, କିସାନପଡ଼ା.ଗୈରପଡ଼ା, ପିଏକ ଦାସ୍ ରାସ୍ତା, ତଳିପଡ଼ା ଚମାର ପଡ଼ା, ବ୍ରାହ୍ମଣ ପଡ଼ା ସମେତ ବିଭିନ୍ନ ରାସ୍ତାରେ ପାଇପ୍ ଦୀର୍ଘ ବର୍ଷରୁ ବିଛା ଯାଇଛି। ଗତ କିଛି ଦିନ ହେବ ଏହି ପାଣି ପାଇପ୍ ଫାଟି ଯିବାରୁ ରାସ୍ତା ଉପରେ ପାଣି ବୋହୁଥିବାର ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ସମସ୍ତ ପାଇପ ଗୁଡ଼ିକର



ମରାମତି, ଅଚଳ ପାଣିକଳକୁ କାର୍ଯ୍ୟକ୍ଷମ କରିବା। କୌଣସି ସ୍ଥାନରେ ପାଇପ ଫାଟିଗଲେ କିମ୍ବା ଡ଼ିପବୋର ମାନଙ୍କର ମୋଟର ପୋଡ଼ିଗଲେ ତୁରନ୍ତ ମରାମତି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏମିତିକି ଲୋକଙ୍କ ପାନୀୟ ଜଳର ସମସ୍ୟାର ସମାଧାନ ୨୪ ଘଣ୍ଟା ମଧ୍ୟରେ କରିବାକୁ ପୌର ପରିଷଦରରେ ଏକ ୨୪ ଘଣ୍ଟିଆ କଂଟ୍ରୋଲ ରୁମ୍ ମଧ୍ୟ କରାଯାଇଛି। ଏହା ସହିତ ସହରର ବିଭିନ୍ନ ସ୍ଥାନରେ ଅତି ଧିମା ପାଣି ଆସୁଥିବାରୁ ବାଲଟିଏ ପାଣି ଭରିବାକୁ ଦୀର୍ଘ ସମୟ ଲାଗୁଛି। ପୁରୁଣା ବସ୍‌ଷ୍ଟାଣ୍ଡ ହନୁମାନ ମନ୍ଦିର ପଛପଟ ପିଏକ ଦାସ୍ ରାସ୍ତା ତଳିପଡ଼ା ଚମାରପଡ଼ା ନଳକୂପରୁ ନାଳି ପାଣି ଆସୁଥିବାବେଳେ ପାଣି ପିଇବା ଯୋଗ୍ୟ ଆସୁ ନ ଥିବାରୁ ଲୋକେ ପାଣି ବୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ଏହାର ପ୍ରତିକାର ପାଇଁ ପୌର ପରିଷଦ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ବେଲପାହାଡ ଜୁନିଅର କଲେଜରେ ହଲ୍ ଉଦ୍‌ଘାଟିତ



**ଝାରସୁଗୁଡ଼ା, ୨୭।୪(ସମିସ) :** ଟିଆରଏଲ କୋସାକି ସିଏସ୍‌ଆର୍ ବିଭାଗ ତରଫରୁ ବେଲପାହଡ଼ ଜୁନିଅର କଲେଜରେ ଏକ ବହୁମୁଖୀ ହଲର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଟିଆରଏଲ କ୍ରୋସାକିର ସିଏସ୍‌ଆର ବିଭାଗର ପ୍ରୋଜେକ୍ଟ 'ନିର୍ମାଣ' ଅଧୀନରେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ବହୁମୁଖୀ ହଲ୍‌ଟି ସାମାଜିକ ଦାୟିତ୍ୱ ଏବଂ ଏହି ଅଞ୍ଚଳର ଶିକ୍ଷାଗତ ଭିତ୍ତିଭୂମି ବୃଦ୍ଧି ପାଇଁ କମ୍ପାନୀର ପ୍ରତିବଦ୍ଧତାର ପ୍ରମାଣ ବୋଲି ଡ଼ା ତାରପଦ ଦାସ କହିଛନ୍ତି। ଏହି ଅବସରରେ ନିରଞ୍ଜନ ଦାଶ, ଡ. ସନ୍ତୋଷ ମିଶ୍ର, ଶଶାଙ୍କ କୁମାର ଦୀକ୍ଷିତ, ଦୀପକ କୁମାର ସାହୁ, ସ୍ମୃତି ରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାଶ କଲେଜ ପ୍ରିନସିପାଲ ସୁରେନ୍ଦ୍ର କୁମାର ଭୋଇ, କ୍ଷମାନିଧି ନାଥ, ରତ୍ନା ସେନଗୁପ୍ତା ଓ କଲେଜର ସମସ୍ତ ସିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ରତ୍ନା ସେନଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଟିଆରଏଲ୍ କ୍ରେସାକି ସିଏସ୍‌ଆର ବିଭାଗର ବ୍ରଜବନ୍ଧୁ ଶତପଥୀ, ଅକ୍ଷୟ ସିଂ ଓ ସରୋଜ ମେହେର ସହଯୋଗ କରିଥିଲେ।

## ମନମୋହନ ୟୁପି ସ୍କୁଲରୁ ଚୋରି

ଝାରସୁଗୁଡ଼ା, ୨୭।୪ (ସମିସ): ଝାରସୁଗୁଡ଼ା ମନମୋହନ ୟୁପି ସ୍କୁଲରୁ ତାଲା ଭାଙ୍ଗି ବଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନମୋହନ ୟୁପି ସ୍କୁଲର ତାଲା ଭାଙ୍ଗି ଲୁହା ଶିଢ଼ୀ ଦୁଇଟି, ଲୁହା ପାଇପ ଓ ଅନ୍ୟାନ ସାମଗ୍ରୀ ଚୋରି କରିନେଇଥିବା ସ୍କୁଲର ପ୍ରଧାନଶିକ୍ଷକ ଟାଉନଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବାଇକ୍ ଆରୋହୀଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟ୍ ଅଭିଯୋଗ

ଝାରସୁଗୁଡ଼ା, ୨୭।୪ (ସମିସ): ଶନିବାର ଅପରାହ୍ନରେ ସରବାହାଲ ଓଭିରବ୍ରିଜ ଠାରେ ଜଣେ ବାଇକ୍ ଆରୋହୀଙ୍କୁ ୩ ଜଣ ଯୁବକ ଅଟକାଇ ମାର୍‌ପିଟ କରିବା ସହିତ ଏକ ମୋବାଇଲ ଫୋନ ଓ ୨୮ ଶହ ଟଙ୍କା ଲୁଟ୍ କରିନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ବାଇକ୍ ଆରୋହୀ ଜଣକ ସରବାହାଲ ଓଭରବ୍ରିଜ୍ ରାସ୍ତାରେ ଆସୁଥିବା ସମୟରେ ଏକ ବାଇକ୍‌ରେ ୩ ଜଣ ଯୁବକ ପିଛାକରି ସରୋଜ ମିଞ୍ଜର ବାଇକ ସମ୍ମୁଖରେ ରଖିଥିଲେ। ସରୋଜକୁ ମାଡ଼ମାରି ମୋବାଇଲ ଫୋନ ଓ ଟଙ୍କା ଚୋରି କରିନେଇଥିବା ଟାଉନ ଥାନାରେ ଅଭିଯୋଗ କଲାପରେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ଲଇକେରାରେ ବିଶାଳ ମହିଳା ସମାବେଶ




**ଝାରସୁଗୁଡ଼ା, ୨୭।୪ (ସମିସ):** ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ କରାଯାଇଛି। ଲଇକେରା ବ୍ଲକ ଜୋନ୍ ୨ ରେ ଅନୁଷ୍ଠିତ ଏହି ବୈଠକରେ ବିଧାୟିକା ପ୍ରାର୍ଥୀ ଦିପାଳୀ ଦାସଙ୍କ ନେତୃତ୍ୱରେ ବ୍ଲକ ଅଫିସ ସମ୍ମୁଖରୁ ଏକ ରାଲି ବାହାରୀ ସମଲେଶ୍ୱରୀ ମନ୍ଦିର ଦର୍ଶନ ପରେ କରୁଣାକର ସିଂହ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭାସ୍ଥଳରେ ପହଞ୍ଚିଥିଲେ। ରାଜ୍ୟ ସରକାର ଓ ୫-ଟି ସଚିବଙ୍କ ନେତୃତ୍ୱରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ଝାରସୁଗୁଡ଼ା ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟକରି ଆସୁଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରେ ୬ ମାସରେ ବିଧାୟିକା ଦିପାଳିଦାସ ପ୍ରତ୍ୟେକ ବର୍ଗ ଏବଂ ସମାସ୍ତ ଅଞ୍ଚଳରେ ରାସ୍ତା, ସ୍ୱାସ୍ଥ୍ୟ ସେବା ଠୁ ନେଇ କୀର୍ତ୍ତନ ମଣ୍ଡପ, କଲ୍ୟାଣ ମଣ୍ଡପ, ପୋଖରୀ ଓ ମନ୍ଦିର ରୁପାନ୍ତୀକରଣ ଦିଗରେ ଲୋକାଭିମୁଖି ବିକାଶ ପାଇଁ ସମସ୍ତଙ୍କ ହୃଦୟରେ ସ୍ଥାନ ଅଧିକାର କରିଛନ୍ତି। ନବଦାସଙ୍କ ପରିବାର ବର୍ଷସାରା ଅଞ୍ଚଳ ବାସୀଙ୍କ ସେବାରେ ନିୟୋଜିତ ଥିଲେ, ଅଛନ୍ତି ଏବଂ ଆସନ୍ତା ସମୟରେ ମଧ୍ୟ ରହିବେ ବୋଲି କହିଛନ୍ତି। ଆଜିର ଏହି ସାମାବେସରେ ଜିଲ୍ଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡିଆ, ଜିଲ୍ଲା ସଭାପତି ରବି ସିଂ, ଜିଲ୍ଲା ମହିଳା ନେତ୍ରୀ ରୋଜାଲିନ ପଟେଲ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ଜିଲ୍ଲା ପରିଷଦ ସଦସ୍ୟ ତୁଳାବତୀ ମିଞ୍ଜ, ମହିଳା ବ୍ଲକ ସଭାପତି ସବିତା ବାଗ, ଅଞ୍ଜୁକ୍ତା ବେହେରା, କଲିମ ଖାନ, ପ୍ରଦୀପ ଧିମାନ ପ୍ରମୁଖ ମଞ୍ଚାସିନ ଥିଲେ।

## ରେଳଷ୍ଟେସନ ସମ୍ମୁଖରୁ ବାଇକ୍ ଚୋରି

**ଝାରସୁଗୁଡ଼ା, ୨୭।୪(ସମିସ):** ଝାରସୁଗୁଡ଼ା ରେଳଷ୍ଟେସନ ସମ୍ମୁଖରୁ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ପିତାମ୍ବର ଗୌଡ଼ ବେଲପାହାଡ଼ ଅଞ୍ଚଳରୁ କୌଣସି ସମ୍ପର୍କୀୟଙ୍କୁ ଶନିବାର ଅପରାହ୍ନରେ ରେଳ ଷ୍ଟେସନ ଛାଡ଼ିବାକୁ ଆସିଥିଲେ ଟ୍ରେନରେ ବସାଇ ପ୍ଲାଟ୍‌ଫର୍ମରୁ ଷ୍ଟେସନ ବାହାରକୁ ଆସି ଦେଖିଲାବେଳକୁ ବାଇକ୍‌ଟି ସେହିସ୍ଥାନରେ ନ ଥିଲା। ଖୋଜା ଖୋଜିକରି ନିରାଶ ହେବାପରେ ରେଳବାଇ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି।

# ଦଲଗାଁରେ ଜନସମ୍ପର୍କ ସମାବେଶ

**ଝାରସୁଗୁଡ଼ା, ୨୭।୪(ସମିସ):** ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଦଳଗାଁ ଠାରେ ଲଖନପୁର ଜୋନ୍ ୩ ର ବିଜୁ ଜନତା ଦଳର ଜନ ସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥୀନୀ ପରିଣିତା ମିଶ୍ର ଏବଂ ବ୍ରଜରାଜନଗର ବିଧାୟିକା ତଥା ବ୍ରଜରାଜନଗର ବିଧାୟିକା ପ୍ରାର୍ଥୀନୀ ଅଳକା ମହାନ୍ତି ଯୋଗଦେଇ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସଭାରେ ବିଜେଡି ସହ-ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ବିଜେଡି ବରିଷ୍ଠ ନେତା ସୁଶାନ୍ତ ମିଶ୍ର, ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ, ଜିଲ୍ଲା ବିଜେଡି ଉପସଭାପତି ସଞ୍ଜିତ ପଧାନ, ଜିଲ୍ଲା ଉପସଭାପତି ଶମ୍ଭୁ ମହାନ୍ତି, ଜିଲ୍ଲା ବିଜେଡି ଯୁବକ ସଭାପତି ପ୍ରଶାନ୍ତ ଜେନା, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପଲତା ସେଠ, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂହ, ଶ୍ୟାମସୁନ୍ଦର ଶତପଥୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ମିତ୍ରଭାନୁ ସାହୁ, ମନୋରଞ୍ଜନ ମହାପାତ୍ର, ସୁଶାନ୍ତ ନାଏକ, ସରପଞ୍ଚ ଆକାଶ ସାହୁ, ସରପଞ୍ଚ ସନ୍ତୋଷ ରୋହିଦାସ, ସରପଞ୍ଚ ଝରଣା ସେଠ, ସମିତି



ମହେନ୍ଦ୍ର ନାଏକ, ଜିଲ୍ଲା ସମ୍ପାଦକ ପ୍ରମୋଦ ଗଡ଼ତିଆ, ସରପଞ୍ଚ ସଙ୍ଘ ସଭାପତି ରଘୁମଣୀ ପ୍ରଧାନ, ସରପଞ୍ଚ ଗୋପୀନାଥ ସାଏ, ସରପଞ୍ଚ ମୁକେଶ ବାରିକ, ସରପଞ୍ଚ ସଭ୍ୟା ପଦ୍ମିନୀ ସିଂହ, ପାର୍ବତୀ ବେହେରା, ସାଲେକଗ୍ରାମ ନାୟକ, ନନ୍ଦଲାଲ ସେନାପତି, ପ୍ରଦୀପ ସେନାପତି, ଭୁବନେଶ୍ୱର ହାତୀ ପ୍ରମୁଖ ଯୋଗଦେଇଥିଲେ।

# ସମ୍ପର୍କୀୟ ଭାଇକୁ ହତ୍ୟା କଲା ଭାଇ

**ଝାରସୁଗୁଡ଼ା, ୨୭।୪(ସମିସ):** ଠେଙ୍ଗା ଆକ୍ରମଣରେ ଜଣେ ସମ୍ପର୍କୀୟ ଭାଇକୁ ହତ୍ୟା କଲା ଜଣେ ଭାଇ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡ଼ା ଜିଲ୍ଲା ଲଖନପୁର ଥାନା ଅନ୍ତର୍ଗତ ପଣ୍ଡରୀ ଗ୍ରାମରେ। ମୃତ ଯୁବକ ଜଣକ ପଣ୍ଡରୀ ଗ୍ରାମର ନିଲେଶ୍ୱର କର୍ତ୍ତା (୪୦) ବୋଲି ଜଣାପଡ଼ିଛି। ସେହିପରି ଅଭିଯୁକ୍ତ ହେଲେ ସେହି ଗ୍ରାମର ମୃତ ନିଲେଶ୍ୱରଙ୍କ ସମ୍ପର୍କୀୟ ବଡ଼ ଭାଇ କୃଷ୍ଣକର୍ତ୍ତା (୬୫)। ସେ ଫେରାର ଥିବା ବେଳେ ପୁଲିସ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି।

ସୂଚନାରୁ ପ୍ରକାଶ ଯେ, ଶନିବାର ସକାଳୁ ନିଲେଶ୍ୱର ଓ ତାଙ୍କ ବଡ଼ ବାପା ପୁଅ ତଥା ସମ୍ପର୍କୀୟ ବଡ଼ ଭାଇ କୃଷ୍ଣଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ କୃଷ୍ଣ ଅତ୍ୟନ୍ତ ଉତ୍ତେଜିତ ହୋଇ ଏକ ବାଉଁଶ ଠେଙ୍ଗାରେ ନିଲେଶ୍ୱରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଯୁବକ ନିଲେଶ୍ୱର ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଲଖନପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ନିଲେଶ୍ୱରଙ୍କ ମୃତ୍ୟୁ ଘଟିଥିବା ଥାନାଧିକାରୀ ବିନୋଦ କୁମାର ରାଓ ପ୍ରକାଶ କରିଛି। ପୁଲିସ ଡାକ୍ତରଖାନା ପହଞ୍ଚି ମୃତ ନିଲେଶ୍ୱରଙ୍କ ଶବକୁ ଜବତ କରିଛି। ଏନେଇ ଲଖନପୁର ଥାନାରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ମୃତ ନିଲେଶ୍ୱରଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି। ପୁଲିସ ଏହା ସହ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ କୃଷ୍ଣକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ତେବେ କେଉଁ କାରଣରୁ ଅଭିଯୁକ୍ତ କୃଷ୍ଣ ତାଙ୍କ ଭାଇକୁ ହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ।

# ନିର୍ବାଚନୀ ପର୍ଯ୍ୟବେକ୍ଷକଙ୍କ ଯୋଗଦାନ

**ଝାରସୁଗୁଡ଼ା, ୨୭।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବରେ ଭାରତୀୟ ରାଜସ୍ୱ ସେବାର ଦୁଇ ବରିଷ୍ଠ ଅଧିକାରୀ ଶଶିକାନ୍ତ ସିଂହ ଓ କ୍ରିଷ୍ଣମୂର୍ତ୍ତି ଏଟି ଝାରସୁଗୁଡ଼ାରେ ପହଞ୍ଚିଛନ୍ତି। ୨୦୧୦



ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଶଶିକାନ୍ତ ସିଂ ବରଗଡ଼ ସଂସଦୀୟ ନିର୍ବାଚନ ମଣ୍ଡଳୀ ପାଇଁ ଏବଂ ୨୦୧୪ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ କ୍ରିଷ୍ଣମୂର୍ତ୍ତି ଏଟି ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇବେ। ଉଭୟ ପର୍ଯ୍ୟବେକ୍ଷକ ଆଜି ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ନିର୍ବାଚନ ପରିଚାଳନା ସକାଶେ ଗଠିତ ବିଭିନ୍ନ ଟିମ୍ ର ଅଧିକାରୀମାନଙ୍କ ସହ ଏକ ଆଲୋଚନା ବୈଠକ କରିଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିକା ଅନୁସାରେ ଆଗାମୀ ନିର୍ବାଚନ ଯେପରି ମୁକ୍ତ ଅବାଧ ଓ ସ୍ୱଚ୍ଛତାର ସହ ପରିଚାଳନା କରାଯିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଏବଂ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି. ପରମାର ଜିଲ୍ଲାରେ ନିର୍ବାଚନ ପରିଚାଳନା ନେଇ ପ୍ରସ୍ତୁତି ସମ୍ପର୍କରେ ଉଭୟ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ପ୍ରଶାସନିକ ଓ ପୁଲିସ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ବନ ସୁରକ୍ଷା ସମିତି ପକ୍ଷରୁ 'ଶୋଷରୁ ମୁକ୍ତି'




**ଝାରସୁଗୁଡ଼ା, ୨୭।୪(ସମିସ):** ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ ମାଧ୍ୟମରେ ଝାରସୁଗୁଡା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ପାକେଲଖୋଲ ବନ ସୁରକ୍ଷା ସମିତି ଦ୍ୱାରା ଗଛରେ ଶିକା ଝୁଲାଇ ମାଟି ପାତ୍ରରେ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। ୪୩ ଡିଗ୍ରୀ ଖରା ଥିବାବେଳେ ସହରରେ ଥିବା ଜଳାଶୟ ଗୁଡ଼ିକ ଶୁଖିଗଲାଣି। ପାରମ୍ପରିକ ଭାବେ ପାଣି ରହୁଥିବା ନାଳଗୁଡ଼ିକ ମଧ୍ୟ ଶୁଖିଯାଇ କାଁ ଭାଁ ଆଞ୍ଜୁଳାଏ ପାଣି ରହିଛି। ବୁନ୍ଦାଏ ପାଣି ପାଇଁ କୌଣସି ପକ୍ଷୀ ମୃତ୍ୟୁବରଣ ନ କରୁ ଏହି ଉଦ୍ଦେଶ୍ୟରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଗଛରେ ଶିକା ଝୁଲାଇ ମାଟି ପାତ୍ର ରେ ପାଣି ଦେଇ ପକ୍ଷୀଙ୍କ ପାଇଁ ପାଣି ବ୍ୟବସ୍ଥା କରାଯାଇଛି। ଆଦର୍ଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଚିଫ ପ୍ରଦୀପ କୁମାର ବେହେରା, ବାଗଡ଼ିହି ବନାଞ୍ଚଳର ଟିମ ଲିଡ଼ର ଚୁଡାମଣି ବେହେରା, ଡିଓସିଡିଏଲ ସତ୍ୟସ୍ମିତା ବେହେରା, ଫରେଷ୍ଟଗାର୍ଡ ସୁନାଦେଇ ମେହେର, ବନସୁରକ୍ଷା ସମିତିର ସଭାପତି କମଳ କିସାନ, ବନ ସହାୟିକା ଉର୍ମିଳା ନାଏକ ଏବଂ ବନ ସୁରକ୍ଷା ସମିତିର ସଭ୍ୟ, ସଭ୍ୟା ଉପସ୍ଥିତ ଥିଲେ।

## ଅଧାଗଢା ଶ୍ରୀକୃଷ୍ଣ ପ୍ରଣାମୀ ଗୋଶାଳା

# ପ୍ରତିଶ୍ରୁତି ଦେଇ ଠକିଦେଲେ ଧର୍ମେନ୍ଦ୍ର



**ଦେବଗଡ଼, ୨୭।୪(ସମିସ):** ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ କଳାମାଟି ଗ୍ରାମରେ ଗୋ ସୁରକ୍ଷା ଉଦ୍ଦେଶ୍ୟରେ ଶ୍ରୀ କୃଷ୍ଣ ପ୍ରଣାମୀ ଗୋଶାଳା ନିର୍ମାଣ ପାଇଁ ୨୦୧୫ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ନିଜେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ କିନ୍ତୁ ଆଉ ସେ ଧରା ଦେଉନାହାନ୍ତି। ଗୋଶାଳା ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇ ଠକି ଦେଲେ ଧର୍ମେନ୍ଦ୍ର। ଖୋଦ ଶ୍ରୀ କୃଷ୍ଣ ପ୍ରଣାମୀ ଗୋଶାଳାର ଅଧ୍ୟକ୍ଷ ମିତ୍ରଭାନୁ ମହାପାତ୍ର ଏହି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ପ୍ରତିଶ୍ରୁତି ଦେଇ ଧର୍ମେନ୍ଦ୍ର ପୂରଣ କରି ନ ଥିବାରୁ କ୍ଷୋଭ ପ୍ରକାଶ କରିବା ଛଡା କହିବା ପାଇଁ ଭାଷା ନାହିଁ ବୋଲି କହିଛନ୍ତି ବରିଷ୍ଠ ନାଗରିକ ତଥା ବର୍ଷିଆନ କଳାକାର ମାର୍କଣ୍ଡେଶ୍ୱର ଶତପଥୀ। ୨୦୧୫ ମେ ୮ ତାରିଖ ଦିନ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀକୃଷ୍ଣ ପ୍ରଣାମୀ ଗୋଶାଳା ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହାକୁ ଏକ ଆଦର୍ଶ ଗୋଶାଳା ଭାବେ ନିର୍ମାଣ କରିବାକୁ ସମସ୍ତ ସହାୟତା ଯୋଗାଇବା ଲାଗି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ; ମାତ୍ର ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ମଧ୍ୟ ସହାୟତା ଦେଲେ ନାହିଁ। ସୂଚନାଯୋଗ୍ୟ, ୨୦୧୦ ଡିସେମ୍ବର ପହିଲାରୁ ରାଷ୍ଟ୍ରୀୟ ଗୋ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଗୋଶାଳା ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବା ପରେ ଧର୍ମେନ୍ଦ୍ର ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ବିଜେଡିର ମିଶ୍ରଣ ପର୍ବ; ଯୋଗଦେଲେ ଅନ୍ୟ ଦଳର କର୍ମୀ



ଝାରସୁଗୁଡ଼ା, ୨୭।୪(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନମଙ୍ଗଳ ନୀତିରେ ଅନୁପ୍ରାଣିତ ହୋଇ ଝାରସୁଗୁଡ଼ା କିରମିରା ବ୍ଲକ ସୁଲେହି ପଞ୍ଚାୟତର ଭାରତୀୟ ଜନତା ପାର୍ଟିର ବହୁ କର୍ମୀ ଆଜି ଦିପାଳୀ ଦାସଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ବିଜେଡି ଜିଲ୍ଲା ସଭାପତି ରବି ସିଂ, ତାପସ ରାୟ ଚୌଧୁରୀ, ସନ୍ଦୀପ ଅବସ୍ଥୀ, ପୱନ ସିଂ ଯାଦବ, ପିଣ୍ଟୁ ପାଢ଼ୀ, ହରିଶ ଗଣତ୍ରା, ପ୍ରତାପ ନନ୍ଦ, ମଦନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅଇଁଠାପାଲି ବସ୍‌ଷ୍ଟପ୍‌ରେ ମୁଣ୍ଡ ଗଡ଼ିବା ଘଟଣା

# ୨ ମାସର ଦରମା ନ ଦେବାରୁ ମାଲିକଙ୍କୁ ହତ୍ୟା

ସମ୍ବଲପୁର, ୨୭।୪(ସମିସ)

ସମ୍ବଲପୁର ଅଇଁଠାପାଲି ବସ୍‌ଷ୍ଟପ୍‌ରେ ଗତକାଲି ବିଳମ୍ବିତ ରାତିରେ ପାର୍ସଲ ବ୍ୟବସାୟୀ ରଞ୍ଜିତ ସାହା(୫୦) ଓରଫ ଛୋଟୁଙ୍କୁ ହତ୍ୟା ଘଟଣାର



ପର୍ଦ୍ଦାଫାସ ହୋଇଛି। ଏହି ଘଟଣାକୁ ଆଧାର କରି ଆଜି ସମ୍ବଲପୁର ପୁଲିସ ଛୋଟୁଙ୍କ କର୍ମଚାରୀ ଗୋପବନ୍ଧୁ ବେହେରା ଓରଫ୍ ଜିତେନ(୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଇମାସର ଦରମା ନ ଦେବାରୁ ଛୋଟୁଙ୍କୁ ହତ୍ୟା କରିଥିଲେ। ଏକ ଲୁହାରଡ଼ରେ ପିଟି ଏହି ଜଘନ୍ୟ ହତ୍ୟାକାଣ୍ଡ କରିଥିବା ଆଜି ଏସ୍‌ଡିପିଓ କାର୍ଯ୍ୟାଳୟରେ ଆୟୋଜିତ ଖବର ସମ୍ମିଳନୀରେ ଏସ୍‌ଡିପିଓ ତଫୋନ ବାଗ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଛୋଟୁ ନିତିଦିନ ବସ୍‌ଷ୍ଟପ୍‌କୁ ଯାଇ ଭୋର ସକାଳୁ ଆସୁଥିବା ବସ୍‌ରୁ ପାର୍ସଲ ସଂଗ୍ରହ କରିଥାନ୍ତି। ପରେ ଆସିଥିବା ପାର୍ସଲକୁ ଲୋକଙ୍କ ପାଖରେ ପହଞ୍ଚାଇଥାନ୍ତି। ତାଙ୍କ ପାଖରେ ବୌଦ୍ଧ ନାରାୟଣପୁର ଥାନା ଅଞ୍ଚଳର ଜିତେନ କାମ କରୁଥିଲେ। ସେ ମଧ୍ୟ ପାର୍ସଲ ସଂଗ୍ରହ କରିବାରେ ସାହାର୍ଯ୍ୟ କରି ନିଜ ପେଟ ପୋଷୁଥିଲେ। ସଦର ଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ଅଞ୍ଚଳରେ ଭଉଣୀ ଘରେ ପାର୍ସଲ କାମ କରୁଥିଲେ। ହେଲେ ୨ମାସର ଦରମା ଜିତେନକୁ ମିଳୁ ନଥିଲା। ବାରମ୍ବାର ଛୋଟୁଙ୍କୁ ମାଗିଲେ ମଧ୍ୟ ବିଭିନ୍ନ ବାହାନ କରି ଦରମା ଦେଉ ନଥିଲେ। ଗତକାଲି ରାତି ପ୍ରାୟ ଅଢ଼େଇଟାରେ ଛୋଟୁ ପ୍ରତିଦିନ ପରି

### ପୁଲିସକୁ ଚକମା ଦେବା ପାଇଁ ରଚିଥିଲା ଷଡ଼ଯନ୍ତ୍ର

ପାର୍ସଲ ସଂଗ୍ରହ ପାଇଁ ବସ୍‌ଷ୍ଟପ୍‌କୁ ଆସିଥିଲେ। ସିନ୍ଦୁରପଙ୍କର ଜିତେନ ମଧ୍ୟ ତାଙ୍କୁ ସାହାଯ୍ୟ କରିବାକୁ ଅଇଁଠାପାଲି ବସ୍‌ଷ୍ଟପ୍‌କୁ ଆସିଥିଲେ। ୨ମାସର ବକେୟା ଦରମା ମିଳି ନଥିବାରୁ ପୁଣି ଛୋଟୁଙ୍କୁ କହିଥିଲେ। ବକେୟା ଦରମାକୁ ନେଇ ଉଭୟଙ୍କ ମଧ୍ୟରେ କଥାକଟା ହୋଇଥିଲା। ପରେ ଅଧିକ ଝଗଡ଼ା ବଢ଼ିଯାଇଥିଲା। ଜିତେନ ଏକ ଲୁହାରଡ଼ ସାହାର୍ଯ୍ୟରେ ମୁଣ୍ଡକୁ ଆଘାତ ଦେଇଥିଲା। ତଳେ ଛୋଟୁ ପଡ଼ିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସକୁ ଚକମା ଦେବା ପାଇଁ ଜିତେନ ଏକ ଷଡ଼ଯନ୍ତ୍ର ରଚିଥିଲା। ଏହି ହତ୍ୟାକାଣ୍ଡରେ ନିଜ ଆଡ଼କୁ ସନ୍ଦେହ ନ ହେବା ପାଇଁ ଛୋଟୁର ମୋବାଇଲ ନେଇ ଫେରାର ହୋଇଯାଇଥିଲା। ସିନ୍ଦୁରପଙ୍କ ଭଉଣୀ ଘରକୁ ଯିବା ବାଟରେ ମୋବାଇଲ ଫୋପାଡ଼ି ଦେଇଥିଲା। ଏହାସହ ରକ୍ତ ଲାଗିଥିବା ଡ୍ରେସକୁ ମଧ୍ୟ ଲୁଚାଇ ଦେଇଥିଲା। ଭଉଣୀ ଘରେ ପହଞ୍ଚି ସଫାସୁତୁରା ହୋଇ ନିତିଦିନ ପରି ପାର୍ସଲ ସଂଗ୍ରହ କାମ ପାଇଁ ଅଇଁଠାପାଲି ଆସିଥିଲେ। ବସରୁ ପାର୍ସଲ ସଂଗ୍ରହ କରିବାବେଳେ ଛୋଟୁ ଦାଦା ବିଳମ୍ବରେ ଆସିବେ ବୋଲି ଲୋକଙ୍କୁ ମନଗଢ଼ା ଗପ କହିଥିଲା। ପରେ ଛୋଟୁ ଦାଦା ତଳେ ପଡ଼ିଥିବା ନେଇ ସମସ୍ତଙ୍କୁ କହିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ସଦର ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ମୃତ ଘୋଷଣା କରିଥିଲା। ଛୋଟୁଙ୍କ ସ୍ତ୍ରୀ ଶର୍ମିଳା ସାହା ଏହି ଘଟଣାକୁ ନେଇ ଅଇଁଠାପାଲି ଥାନରେ ଅଭିଯୋଗ କରିଥିଲେ। ବରେଇପାଲି ଥାନା, ଅଇଁଠାପାଲି ଥାନା ଓ ସଦର ଥାନା ମିଳିତ ଭାବେ ତଦନ୍ତ କରି ଉଦ୍ୟମରେ ଘଟଣାର ପର୍ଦ୍ଦାଫାଶ କରିଥିଲେ।

# ପ୍ରଚାରର ମଙ୍ଗ ଧରିଛନ୍ତି ଯୁବନେତା



### ରେଙ୍ଗାଲି ନିର୍ବାଚନମଣ୍ଡଳୀ

**ସମ୍ବଲପୁର, ୨୭।୪ (ସମିସ):** ସମ୍ବଲପୁର ରେଙ୍ଗାଲି ବିଧାନସଭାରେ ବିଜେଡି ପ୍ରଚାର ଜୋରସୋରରେ କରିଛି। ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ଜଣେ ଯୁବ ଚେହେରା। ସୁଦର୍ଶନଙ୍କୁ ପ୍ରଚାର ସମୟରେ ଲୋକମାନେ ଗ୍ରହଣ କରୁଛନ୍ତି। ନିଆରା ଢଙ୍ଗରେ ପ୍ରଚାର କରି ଚର୍ଚ୍ଚାରେ ରହିଛନ୍ତି। ଯୁବ, ମହିଳା, ପୁରୁଷ ଭୋଟରଙ୍କୁ ମୁଣ୍ଡିଆ ମାରି ଭୋଟ ପାଇଁ ଅନୁରୋଧ କରୁଛନ୍ତି। କୁନି ପିଲାଙ୍କୁ ସ୍ନେହଶ୍ରଦ୍ଧା କରି ତାଙ୍କ ସହିତ ଫଟୋ ଉଠାଉଛନ୍ତି। ଦଳଗତ ଭେଦଭାବ ଛାଡ଼ି ପ୍ରତ୍ୟେକ ଘରକୁ ଯାଇ ଭୋଟ ମାଗୁଛନ୍ତି। ପ୍ରଚାର ମଙ୍ଗ ଧରିଛନ୍ତି ଯୁବନେତା ବିଶାଳ ଦାସ। ନେତା, କର୍ମୀମାନେ ଅଭୂତପୂର୍ବ ସଂଖ୍ୟାରେ ସାମିଲ ହେଉଛନ୍ତି। କେବଳ ପ୍ରଚାର ନୁହେଁ, ବିଜେପି ଦଳର ନେତା ଓ କର୍ମୀମାନଙ୍କୁ ବିଜେଡିରେ ସାମିଲ କରି ବିଭିନ୍ନ ସ୍ଥାନରେ ମିଶ୍ରଣପର୍ବ ଆୟୋଜନ କରାଯାଉଛି। ବିଜେପିର ମେରୁଦଣ୍ଡ ଭାଙ୍ଗିବାରେ ଲାଗିଛନ୍ତି। ଆଜି ମଧ୍ୟ ବିଭିନ୍ନ ଗ୍ରାମକୁ ଯାଇ ପ୍ରଚାର କରିଛନ୍ତି। ସଭାସମିତି କରିବା ସହ ବରିଷ୍ଠ ସଦସ୍ୟ ଓ ଭୋଟରମାନଙ୍କୁ ଭେଟିଛନ୍ତି। ଗ୍ରାମ ଗୁଡ଼ିକରେ ନାମଯଜ୍ଞ, ପୂଜା, ପର୍ବପର୍ବାଣୀରେ ଯୋଗ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ବିକାଶଧାରାକୁ ନେଇ ଭୋଟ ମାଗୁଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କରିବା ପାଇଁ ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନ ସଭା ପାଇଁ ନିଜକୁ ଭୋଟ ଦେବାକୁ ଅନୁରୋଧ କରୁଛନ୍ତି। ଅନ୍ୟପଟେ ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ଅନ୍ୟ ଦଳର କର୍ମୀ ଓ ନେତାମାନେ ବିଜେଡିରେ ସାମିଲ ହେଉଛନ୍ତି।

### ଗଞ୍ଜେଇ ଜବତ

## ଜଣେ ମହିଳାଙ୍କ ସହ ଦୁଇ ପୁରୁଷ ଗିରଫ

**ସମ୍ବଲପୁର, ୨୭।୪(ସମିସ):** ଆଗକୁ ସାଧାରଣ ନିର୍ବାଚନ ଆସୁଥିବା ନେଇ ଜିଲ୍ଲା ପୁଲିସ ପକ୍ଷରୁ ନିଶା କାରବାର ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। କଡାକଡି ଚେକିଂ କରି ବେଆଇନ ନିଶା କାରବାରକୁ ଧରପଗଡ଼ କରାହେଉଛି। ନିତିଦିନ ପାଟ୍ରୋଲିଂ କରି ନିଶା ବେପାର ମାଫିଆଙ୍କୁ କାବୁ କରି କୋର୍ଟ ଚାଲାଣ ହେଉଛି। ଆଜି ଠେଲକୋଲୋଇ ପୁଲିସ ବିଶେଷସୂତ୍ରରୁ ଖବର ପାଇ ଏସବିଆଇ ଛକ ସମ୍ମୁଖରୁ ଗଞ୍ଜେଇ ଚୋରା ଚାଲାଣକୁ ରୋକିଥିଲା। ୨୩ କିଲୋ ୭୦୦ ଗ୍ରାମ ଗଞ୍ଜେଇ ଜବତ କରି ଜଣେ ମହିଳାଙ୍କ ସମେତ ଦୁଇ ଜଣ ପୁରୁଷଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାରସୁଗୁଡା ଥାନା ଅନ୍ତର୍ଗତ ପାହାଡମନ୍ଦିର ବସ୍ତିର ରାକେଶ ଓରାମ(୩୧), ଲଳିତା ଜାଲ(୩୫) ଓ ରାଜେଶ ବର୍ମା(୪୫)।



ଗିରଫ ସହ ସେମାନଙ୍କ ପାଖରୁ ଗୋଟେ ସ୍କୁଟି(ଓଡି୨୩ଆର ୨୦୧୩) ଏବଂ ଦୁଇଟି ମୋବାଇଲ ଫୋନ ଜବତ କରିଛି। ସୂଚନାଯୋଗ୍ୟ, ଉକ୍ତ ସ୍କୁଟିରେ ଝାରସୁଗୁଡାରୁ ସମ୍ବଲପୁର ଅଭିମୁଖେ ଗଞ୍ଜେଇ ନେଇ ଦୁଇ ଜଣ ଆସୁଥିଲେ। ସେମାନଙ୍କୁ ପାଇଲଟିଂ କରି ଜଣେ ଆଗରେ ଆସୁଥିଲା। ପୁଲିସ ଖବର ପାଇ ସେମାନଙ୍କୁ ଅଟକାଇ ଗଞ୍ଜେଇ ଜବତ କରିଛି। ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଏସଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

## ଘରକୁ ଫେରିଲେ ନାବାଳକ

**ସମ୍ବଲପୁର, ୨୭।୪(ସମିସ):** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ ଗଡ଼ମୁଣ୍ଡା ଫାର୍ମରୁ ନିଖୋଜ ଥିବା ନାବାଳକ ଉଦ୍ଧାର ହୋଇ ଘରକୁ ଫେରିଛନ୍ତି। ଜାତୀୟ ରାଜପଥ ୫୩ କଡରେ ଥିବା ଗୋଶାଳା ରାୟ ଢ଼ାବା ନିକଟରେ ଥିବା ବରଗଛ ମୂଳରେ ଶୋଇଥିଲେ। ଏହା ଦେଖି ଢ଼ାବା ମାଲିକ ସୁଖଚୈନ ସିଂ ପିଲାଟିକୁ ନିଜ ଢ଼ାବାକୁ ଆଣି ଖାଇବାକୁ ଦେଇଥିଲେ। ଏହାପରେ ଗୋଶାଳା ଫାଣ୍ଡି ଅଧିକାରୀ ସୁଖଦେବ କିଷାନକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଆସିବା ପରେ ପିଲାଟି ନିଜ ପରିବାର ବିଷୟରେ ସୂଚନା ଦେଇଥିଲେ। ପୁଲିସ ନାବଳକଙ୍କୁ ଗଡ଼ମୁଣ୍ଡା ଫାର୍ମରେ ରହୁଥିବା ମାମୁମାଇଁଙ୍କ ପାଖକୁ ନେଇ ଛାଡି ଥିଲା।

## କାହା ଚାପରେ ମହିଳାଙ୍କୁ ଗିରଫ କରୁନି ପୁଲିସ

**ସମ୍ବଲପୁର, ୨୭।୪(ସମିସ):** ଅଇଁଠାପାଲି ଥାନା ବୃନ୍ଦାବନ ବିହାରରେ ଏକ ଭଡ଼ାଘରେ ସେକ୍ସ ରାକେଟ୍ ଧରାପଡ଼ିବା ଘଟଣାରେ ଘର ମାଲିକ ପ୍ରତି ପୁଲିସର ମାତ୍ରାଧିକ ଅନୁକମ୍ପା। ଘଟଣାକୁ ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ଘର ମାଲିକ ମହିଳାଙ୍କୁ ପୁଲିସ ଗିରଫ କରିବା ଦୂରର କଥା ପଚରାଉଚୁରା ବି କଲାନି। କାହା ଚାପରେ ଅଇଁଠାପାଲି ପୁଲିସ ଚେପା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଘଟଣାରେ ୫ଜଣ ଯୁବତୀ ଓ ୭ଜଣ ଯୁବକ ଅଟକ ରହିଥିବାବେଳେ ସେକ୍ସ ରାକେଟ୍ ପାଇଁ ଘର ଭଡ଼ା ଦେଇଥିବା ମହିଳା ଜଣଙ୍କୁ ପୁଲିସ ଗିରଫ କରିବାରେ ଭୟ କରୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ୨୦୧୮ ମସିହାରେ ବୃନ୍ଦାବନ ବିହାରରେ ଥିବା ଜଣେ ମହିଳା ନିଜର ନବନିର୍ମିତ ଘରକୁ କେନ୍ଦ୍ରାପଡ଼ା ନିବାସୀ ଜୈନେକ ବ୍ୟକ୍ତିଙ୍କୁ କିଛିମାସ ତଳେ ଚୁକ୍ତିପତ୍ର କରିବା ପରେ ଭଡ଼ାସୂତ୍ରରେ ରହିବା ପାଇଁ ଦେଇଥିଲେ। ହେଲେ ସେହି ଘର ସେହି ସମୟରେ ଭିତରେ ନିର୍ମାଣ ଆପାତତଃ ସରିଥିବାବେଳେ ବାହାରେ କିନ୍ତୁ ନିର୍ମାଣ ସରି ନଥିଲା। ହେଲେ ଘର ମାଲିକାଣୀ ସେହି ଘରକୁ ଭଡ଼ା ସୂତ୍ରେ ଦେଇଥିଲ। ଏହି ଅଞ୍ଚଳରେ ସେହି ଅର୍ଦ୍ଧନିର୍ମିତ ଘର ଭିତରେ ଦୀର୍ଘଦିନରୁ ସେକ୍ସ ରାକେଟ୍ ଚାଲୁଥିବାର କିଛି ସ୍ଥାନୀୟ ଅଧିବାସୀଙ୍କ ଠାରୁ ପୁଲିସ ଖବର ପାଇ ଚଢଉ କରିଥିଲା। ସମ୍ବଲପୁରରେ ଚାଲିଥିବା ଏକ ବଡ଼ ସେକ୍ସ ରାକେଟ୍‌କୁ ଠାବ କରି ସମ୍ବଲପୁର ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ମିଳିତ ଭାବରେ ଚଢଉ କରି ୫ଜଣ ଯୁବତୀ ଓ ୭ଜଣ ଯୁବକଙ୍କୁ ଅଟକ ରଖିଥିଲା। ଚଢଉ ବେଳେ ଘରୁ ବହୁ ଆପତ୍ତିଜନକ ସାମଗ୍ରୀ ସହିତ ୩ଟି ଦୁଇ ଚକିଆ ଯାନ ଜବତ ମଧ୍ୟ ହୋଇଥିଲା। ଏହାସହ ୧୪ଟି ମୋବାଇଲ ସହ ଟଙ୍କା ମଧ୍ୟ ଜବତ ହୋଇଥିବା ପୁଲିସ ସେହି ସମୟରେ ସୂଚନା ଦେଇଥିଲା। ଜଣେ ପୁଲିସ ଅଧିକାରୀ ବେସରକାରୀ ଭାବରେ ମଧ୍ୟ

### ଭଡାଘରେ ସେକ୍ସ ରାକେଟ୍ ଘଟଣା

ସ୍ୱୀକାର କରିଛନ୍ତି ଯେ ଘର ଚଢଉ ସମୟରେ ଘରଭଡା ଚୁକ୍ତିପତ୍ର ମିଳିଥିଲା। ଏତେସବୁ ହେଲା ପରେ ମଧ୍ୟ ଘର ମାଲିକାଣୀ ପ୍ରତି ପୁଲିସ ଅହେତୁକ ଅନୁକମ୍ପା ଦେଖାଇଛନ୍ତି। ମାମଲାଟି ବିଚାରଧିନ ଥିବାବେଳେ ପୁଲିସ କିନ୍ତୁ ଘଟଣାର ସଠିକ୍ ତଦନ୍ତ କରି ନଥିବା ଅଭିଯୋଗ ହୋଇଆସୁଛି। ଏପରିକି ପୁଲିସ ସମ୍ପୃକ୍ତ ଘଟଣାରେ ମହିଳାଙ୍କୁ ଖସାଇବାକୁ ଜୋରଦାର ପ୍ରୟାସ କରିଥିଲା। ପୁଲିସ ମଧ୍ୟ ତାର ପ୍ରୟାସରେ ସଫଳ ହୋଇଥିବା ଅଭିଯୋଗ ହୋଇ ଆସୁଛି। ତେବେ ମହିଳାଙ୍କ ପ୍ରଭାବ ଆଗରେ ପୁଲିସ ମଧ୍ୟ ମୁଣ୍ଡ ନୂଆଁଇବାକୁ ବାଧ ହେଉଥିବା ସହରରେ ଜୋରଦାର ଚର୍ଚ୍ଚା ହେଉଛି।

## ଡିଜିଟାଲ ବ୍ୟାଙ୍କିଂ ଉପରେ ସଚେତନତା

**ସମ୍ବଲପୁର, ୨୭।୪(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇନଫରମେସନ ସାଇନ୍ସ ଓ ଟେଲିକମ୍ୟୁନିକେସନ ପକ୍ଷରୁ ଏନଏସସିବି କଲେଜରେ ଡିଜିଟାଲ ବ୍ୟାଙ୍କିଂ ଟଙ୍କା ନେଣଦେଣ ସୁରକ୍ଷା ଉପରେ ଏକ ସଚେତନା ଶିବିର ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ପ୍ରଥମେ ମୁଖ୍ୟ ଫାଟକ ଠାରୁ ପ୍ଲାକାର୍ଡ ଏବଂ ବିଭିନ୍ନ ସ୍ଲୋଗାନ ସହିତ ଏକ ରାଲିରେ ମହାବିଦ୍ୟାଳୟର ମୁଖ୍ୟ ଦ୍ୱାର ପର୍ଯ୍ୟନ୍ତ ଆସିଥିଲେ। ପରେ ଗ୍ୟାଲେରି-୨ ଠାରେ ଏକ ମନୋରଞ୍ଜନ ଭିତ୍ତିକ କ୍ଷୁଦ୍ର ନାଟକ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ ବିନିମୟ ଦ୍ୱାରା ସମ୍ଭାବ୍ୟ କ୍ଷତି ବିଷୟରେ ଅବଗତି କରାଇଥିଲେ। ଏହା ସହ ସ୍ମାର୍ଟ ଫୋନ ତଥା କମ୍ପ୍ୟୁଟରର ସଠିକ୍ ବିନିଯୋଗ ଦ୍ୱାରା କେମିତି ଲାଭାନ୍ୱିତ ହୋଇ ପାରିବେ ତଥା ଏହା କିପରି ଏକ ରୋଜଗାରର ମାଧ୍ୟମ ହେବା ସହିତ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସହାୟକ ହୋଇ ପାରିବ ସେ ସମ୍ପର୍କରେ ଆଲୋକପାତ କରାଇଥିଲେ। ଆଇଏସ୍‌ଟି ବିଭାଗର ଦେବାଶିଷ୍, ଅଙ୍କିତା, ସୁନିଲ୍, ଅଭିଜିତ୍, ଶୁଭମ୍, ସ୍ୱାଗତ୍, ଅମିତ୍ ପ୍ରମୁଖ ସହଯୋଗ କରିଥିଲେ।

## ଏସ୍‌ୟୁରେ ବିଜିନେସ ଆଇଡିଆ 'ଜେନେସିସ୍-୨୦୨୪'



**ବୁର୍ଲା, ୨୭।୪(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇନକ୍ୟୁବେସନ ସେଣ୍ଟର ଷ୍ଟାର୍ଟଅପ୍ ଫୋରମ ପକ୍ଷରୁ ଆଜି ସମ୍ବଲପୁର ବିଶ୍ୱବିଦ୍ୟାଳୟର ମିନି ଅଡିଟୋରିୟମରେ 'ଜେନେସିସ୍-୨୦୨୪' ନାମରେ ଏକ ବିଜନେସ୍ ଆଇଡିଆ ପିଚିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କଠାରୁ ଉଜ୍ଜ୍ୱଳ ବ୍ୟବସାୟିକ ଚିନ୍ତାଧାରା ସଂଗ୍ରହ କରିବା ଏବଂ ସମାଜର ଉନ୍ନତି ପାଇଁ ଏହାକୁ ଅଧିକ ପ୍ରୋତ୍ସାହିତ କରିବା। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଅଧିବେଶନକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗିତା ଉପରେ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଆଇଆଇଟି, ଭିଏସ୍‌ଏସ୍‌ୟୁଟି, ଯୁବୋଦୟ ମହାବିଦ୍ୟାଳୟ ଇତ୍ୟାଦିରୁ ୭ଟି ଦଳ ସେମାନଙ୍କର ଧାରଣା ଉପସ୍ଥାପନ କରିଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସଂଯୁକ୍ତା ଦାସ ମଧ୍ୟ ଉଦ୍ୟୋଗୀଙ୍କୁ ଏକ ନୂଆ କ୍ୟାରିୟର ବିକଳ୍ପ ଭାବରେ ବିଚାର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏସ୍‌ୟୁଏସ୍‌ଏଫ୍ ଟିମ୍ ପକ୍ଷରୁ ପ୍ରଫେସର ପିକେ ନାୟକ, ପ୍ରଫେସର ଡିକେ ମହାଳିକ ଓ ଡ. ଏସ୍ ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲ୍‌ର ଡାକ୍ତର ରୋହିତା ମିଶ୍ର ଓ ଶିଳ୍ପ ବିଶେଷଜ୍ଞ ବିଶାଳ କୁମାର ବିଚାରକ ଭାବେ ଯୋଗ ଦେଇଥିଲେ। ଶ୍ରବଣ ଯନ୍ତ୍ର ଉପରେ ଅଭିନବ ଚିନ୍ତାଧାରା ପାଇଁ ଏସ୍ୟୁଆଇଆଇଟିର ସୌଭାଗ୍ୟ ପ୍ରଧାନ ପ୍ରଥମ ପୁରସ୍କାର ପାଇଛନ୍ତି। ବର୍ଜ୍ୟବସ୍ତୁ ପରିଚାଳନା ଚିନ୍ତାଧାରା ପାଇଁ ଅଭିଷେକ ସାହୁଙ୍କୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବର୍ଜ୍ୟବସ୍ତୁ ଔଷଧର ବ୍ୟବହାର ଉପରେ ବିଚାର କରିଥିବା ଯୁବୋଦୟ ମହାବିଦ୍ୟାଳୟର ମିଳନ ପଟେଲ, ସସ୍ମିତା ପଟେଲ ଓ ସ୍ନେହା ସାହୁଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି। ସମସ୍ତ ବିଜେତାଙ୍କୁ ନଗଦ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ସମଗ୍ର କାର୍ଯ୍ୟକ୍ରମ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଷ୍ଟାର୍ଟଅପ୍ ଫୋରମ୍ ର ଟିମ୍ ଦ୍ୱାରା ସଂଯୋଜନା ଏବଂ ଆୟୋଜନ କରାଯାଇଥିଲା।

### ଧନୁପାଲିରେ ଜଳସଙ୍କଟ

## ମହାନଗର ଭିତରେ ଥାଇ ବି ମିଳୁନି ପାଣି



**ସମ୍ବଲପୁର, ୨୭।୪(ସମିସ):** ଧନୁପାଲି, ଭତ୍ରା, ସପନେଶ୍ୱର ନଗର, ପୁଟିବନ୍ଧ ଅଞ୍ଚଳରେ ସବୁଦିନ ଲାଗିରହିଛି ଜଳସଙ୍କଟ। ମହାନଗର ଭିତରେ ଥାଇବି ଏମାନେ ପାଣି ମୁନ୍ଦାଏ ପାଇଁ ଡହକବିକଳ ହେଉଛନ୍ତି। ସକାଳ ହେଲେ ପ୍ରାୟ ଦେଢ଼ କିଲୋମିଟର ଦୂରରୁ ଡବା, ବାଲଟି, ଗରା ଧରି ସାଇକଲରେ ଧନୁପାଲି ଛକକୁ ଆସି ପାଣି ସଂଗ୍ରହ ପାଇଁ ଲାଇନ ଲାଗୁଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଆଜକୁ ପ୍ରାୟ ସାତଦିନ ହେଲା ସେମାନଙ୍କ ବସତି ଭତରା, ତୁରିପଡ଼ାକୁ ପାଣି ଆସୁନାହିଁ। ଗତ ମାସରୁ ଟେଙ୍କରରେ ମଧ୍ୟ ପାଣି ଯୋଗାଣ ବନ୍ଦ ଅଛି। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ପାଣିର ଅଭାବ ଲୋକଙ୍କୁ ଅତିଷ୍ଠ କରୁଛି। ଏ ସମସ୍ୟା ଆଜିର ନୁହେଁ ସବୁଦିନ ଚାଲିଛି ବୋଲି ପଡ଼ାବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଜଳଯୋଗାଣ ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି। ଆମର ଏ ଦୁଃଖ ଶୁଣିବାକୁ କେହି ନାହାନ୍ତି। ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି ବୋଲି ଦୁଃଖର ସହ ପ୍ରକାଶ କରିଛନ୍ତି ଜଳସଂଗ୍ରହ କରୁଥିବା ବେଡ୍ରାପଡ଼ା ବାସିନ୍ଦା ସର୍ବଶ୍ରୀ ଫକୀର ଗୋଛେତ, ପିତାମ୍ବର ଗୁରୁ, ସାଧୁଗୁରୁ, ରାହସ ଗୋଛେତ, ଝରା ବାଗ, ସୁରେଶ ଚନ୍ଦ୍ର ନାଥ ପ୍ରମୁଖ। ତୁରନ୍ତ ଏହାର ସମାଧାନ ପାଇଁ ସେମାନେ ନିବେଦନ କରିଛନ୍ତି।

# ସପ୍ତାହେ ହେଲା ୪୦ ଡିଗ୍ରୀ ଉପରେ ପାରଦ

ସମ୍ବଲପୁର, ୨୭।୪(ସମିସ)

ରାଜ୍ୟରେ ବର୍ତ୍ତମାନ ଏକାଧିକ ସହରରେ ଗ୍ରୀଷ୍ମ ଲହରୀ ପରିସ୍ଥିତି ଜାରି ରହିଛି। ସମ୍ବଲପୁର ସହରରେ ବାଦ ପଡ଼ିନାହିଁ। ମୁଖ୍ୟତଃ ବର୍ଷାର ଅଭାବ ଯୋଗୁଁ



ଅଧିକାଂଶ ଜିଲ୍ଲାରେ ବର୍ତ୍ତମାନ ସ୍ୱାଭାବିକ ତୁଳନା ଓ ନିର୍ମଳ ଆକାଶ ଯୋଗୁଁ ଟାଣ ଖରା ଲୋକଙ୍କୁ କଲବଲ କରୁଛି। ଟାଣ ଖରା ତୁଳନାରେ ତାପମାତ୍ରା ୩-୪ ଡିଗ୍ରୀ ଓ କିଛି କିଛି ସ୍ଥାନରେ ୫ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହୁଛି। ଆଜି ସମ୍ବଲପୁର ସହର ୪୩.୬ ଓ ହୀରାକୁଦ ମଧ୍ୟ ୪୩.୬ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଆଗାମୀ ୨ଦିନ ମଧ୍ୟରେ କେତେକ ସ୍ଥାନରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆହୁରି ୫ଦିନ ଯାଏଁ ଏଭଳି ସ୍ଥିତି ରହିବ ଓ ଗ୍ରୀଷ୍ମ ସ୍ୱାଭାବିକ ତୁଳନାରେ ତାପମାତ୍ରାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଜାରି ରହିବ। ସକାଳ ୮ଟା ବାଜିବା ବେଳକୁ ଆରମ୍ଭ ହୋଇଯାଉଛି ମୁଣ୍ଡପଟା ଖରା। ଗରମ ପବନ ବୋହୁଛି। ଘରୁ ବାହାରିବା ମୁସ୍କିଲ୍ ହୋଇପଡୁଛି। ସପ୍ତାହେ ହେଲା ୪୦ ଡିଗ୍ରୀ ତଳକୁ ଖସୁନି ତାପମାତ୍ରା। ବାୟୁମଣ୍ଡଳର ଆର୍ଦ୍ରତା ଅଧିକ ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଝାଞ୍ଜି ପବନ ଜନ ଜୀବନ ଅସ୍ତବ୍ୟସ୍ତ କରିଦେଉଛି। ସକାଳୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅସହ୍ୟ ଗରମ ଦେଉଛି। ଆକାଶରୁ ଯେମିତି ନିଆଁ ବର୍ଷା ହେଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ମଣିଷଙ୍କଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତେ ସନ୍ତୁଳି ହୋଇଯାଉଛନ୍ତି। ପଙ୍ଖାରୁ ବାହାରୁଛି ଗରମ ପବନ। ଏହି ଅସହ୍ୟ ତାତି ଲୋକଙ୍କୁ ଜଳବଳ କରୁଛି। ବାହାରକୁ ଆସିବା ମାତ୍ରେ ତାତିରେ ଦେହ ଜଳିଯାଉଛି। ଦିନ ଦ୍ୱି ପ୍ରହର ବେଳକୁ ସହର ଏକ ପ୍ରକାର ଶୂନଶାନ ହୋଇଯାଉଛି। ଫଳରେ ଏକ ପ୍ରକାର ଅଘୋଷିତ କର୍ଫ୍ୟୁ ଭଳି ଲାଗୁଛି। ଏପ୍ରିଲ ମାସର ପ୍ରଥମ ସପ୍ତାହ ନ ସରୁଣୁ ତାତି ଅସମ୍ଭାଳ ହୋଇଥିବାରୁ ଆଗକୁ ଏହା ଭୟଙ୍କର ସ୍ଥିତିର ଆଶଙ୍କା ସୃଷ୍ଟି କଲାଣି। ସହରରେ ଏପ୍ରିଲ ୩ ତାରିଖ ଦିନ ଏହା ୪୦.୪ ଡିଗ୍ରୀ ପାର କରିଥିଲା। ଅବଶ୍ୟ ଗତକାଲି କିଛି ସମୟ ପାଇଁ ପାଗ କୋହଳା ଥିବା ବେଳେ ଗୁଳୁଗୁଳି ଅନୁଭତ ହୋଇଥିଲା। ବିଗତ ବର୍ଷରେ ଏହି ସମୟରେ ଏପରି ଗରମ ହେଇ ନଥିଲା। ମେ ମାସ ବେଳକୁ ସମ୍ବଲପୁରରେ ଏଭଳି ଖରା ଅନୁଭୂତ ହେଉଥିଲା। ହେଲେ ଏଥର ଆରମ୍ଭରୁ ୪୦ ଡିଗ୍ରୀ ପାର କଲାଣି। ଆଗକୁ ଆହୁରି ଖରା ହେବ। ଏମିତି ଖରା ଜାରି ରହିଲେ ଚଳିତ ବର୍ଷ ୪୫ ଡିଗ୍ରୀ ଡେ଼ଇଁ ପାରେ ବୋଲି ପରିବେଶବିତ୍ ମତପ୍ରକାଶ କରିଛନ୍ତି। ଆଗକୁ ଆହୁରି ମଧ୍ୟ ଜାଳିବ ବୋଲି ପାଣିପାଗ ବିଭାଗ ପ୍ରାକ ସୂଚନା ଦେଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ସବୁ ମହାନଗର ନିଗମକୁ ଖରା ବାରରୁ ଲୋକ କିପରି ରକ୍ଷା ପାଇପାରିବେ ସେନେଇ ସୁବିଧା କରିବାକୁ ଚିଠି କରିଛନ୍ତି। ତେଣୁ ସମ୍ବଲପୁର ମହାନଗର ନିଗମ ତତ୍ପରତା ଦେଖାଇଛି। ଏସ୍‌ଏମ୍‌ସି ପକ୍ଷରୁ ସମ୍ବଲପୁରରେ ୧୮ଟି, ବୁର୍ଲା ଓ ହୀରାକୁଦରେ ୯ଟି ଲେଖାଏଁ, ମାନେଶ୍ୱରରେ ୧୪ଟି ଜଳ ଛତ୍ର ଖୋଲାଯାଇଛି ଏଥିସହ ଅଚଳ ରହିଥିବା ଅମୃତଧାରା ଗୁଡ଼ିକୁ ମଧ୍ୟ ମରାମତି କରାଯାଉଛି। ଲୋକମାନଙ୍କୁ ଜରୁରୀ କାମ ନଥିଲେ ଘରୁ ବାହାରିବାକୁ ମନା କରାଯାଇଛି। ହାତରେ ଛତା, ପାଣିବୋତଲ, ପେଟପୂରା ଖାଇ ବାହାରିବାକୁ କୁହାଯାଇଛି। ମେଡିକାଲ ଗୁଡିକର ବ୍ୟାପକ ଓ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବେଡ ଓ ଡାକ୍ତର ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ସ୍କୁଲ ଗୁଡିକ ଛୁଟି ହୋଇଯିବାକୁ ପିଲାମାନଙ୍କୁ ଆଶ୍ୱସ୍ତି ମିଳିଛି। ହେଲେ ପ୍ରଚଣ୍ଡ ଖରା ଯୋଗୁଁ ସମସ୍ତ ବ୍ୟବସାୟ ପ୍ରଭାବିତ ହୋଇଛି।

